# ଜିଲ୍ଲାରେ ୩ ହଜାରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ଉପକୃତ

ସମ୍ବଲପୁର, ୩।୪(ସମିସ)

ରାଜ୍ୟ ସରକାର ମାଛ ଚାଷୀଙ୍କୁ ପ୍ରୋତ୍ସାହନ ଦେବା ସହିତ ବିଭିନ୍ନ ପ୍ରଜାତିର ମାଛଚାଷ କରିବା ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେଇଆସୁଛନ୍ତି। ମୋ ପୋଖରୀ ଯୋଜନାରେ ପୋଖରୀ ଖନନ, ପଞ୍ଚାୟତ ଓ ସହରାଞ୍ଚଳରେ ଥିବା ବନ୍ଧକଟାକୁ ନିଲାମରେ ଦେବା ସହିତ ଜଳଉତ୍ସ ଗୁଡ଼ିକରେ କେଜ୍ କଲ୍‌ଚର୍ ପ୍ରଣାଳୀ, ବାୟୋଫେକ୍ ପ୍ରଣାଳୀରେ ଚାଷ କରିବା ପାଇଁ ରିହାତିରେ ଋଣ ସହିତ ଆନୁସଙ୍ଗିକ ସୁବିଧା ଦେଉଛନ୍ତି। ବ୍ୟକ୍ତିଗତ

## ସଫଳ ହୋଇଛି ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା

ଭାବେ ଚାଷୀମାନେ ଏହି ଲାଭ ନେଉଥିବାବେଳେ ଓ ମିଶନ ଶକ୍ତି ଯୋଜନାରେ ମହିଳାମାନେ ମାଛ ଚାଷ କରି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଏହି ସମସ୍ତ ସୁବିଧା ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାରେ ସାମିଲ କରାଯାଇଛି। ଯାହା ଜିଲ୍ଲାରେ ସଫଳ ରୂପାୟନ ହୋଇପାରିଛି। ମିଳିଥିବା ରିପୋର୍ଟ ଅନୁସାରେ ମହାନଦୀ, ମହମ୍ମଦପୁର, ଇବ୍, ଜମନକିରା, ହରିହରଯୋର ପ୍ରଭୃତି ୫ଗୋଟି ମତ୍ସ୍ୟ ସମବାୟ ସମିତି କରାଯାଇଛି। ୨ହଜାରରୁ ଅଧିକ ମହିଳା ଓ ପୁରୁଷ ଚାଷୀ ଏଥିରେ ପଞ୍ଜିକୃତ ହୋଇଛନ୍ତି। ଏହାସହ ମିଶନ ଶକ୍ତି ଓ ବ୍ୟକ୍ତିଗତ ଭାବେ ୧ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଏହି ଯୋଜନାରେ ଲାଭବାନ ହୋଇପାରିଛନ୍ତି। ଚାଷୀମାନଙ୍କ ଆର୍ଥିକ, ସମାଜିକସ୍ତରରେ ବିକାଶ ହୋଇଛି। ହୀରାକୁଦ ଜଳଭଣ୍ଡାର ଉପରେ ନିର୍ଭର କରୁଥିବା ସମିତିର ଚାଷୀମାନେ ପ୍ରତିଦିନ ୧୦ରୁ ୧୫ କେଜି ମାଛ ଧରି



ବିକ୍ରି କରି ଭଲ ରୋଜଗାର କରିପାରୁଛନ୍ତି। ମତ୍ସ୍ୟ ବିଭାଗ ସହିତ ମିଶନ ଶକ୍ତି ବିଭାଗ ଚାଷୀମାନଙ୍କୁ ସମସ୍ତ ସହାୟତା ଯୋଗାଇ ଦେବାରେ କାର୍ଯ୍ୟ କରୁଛି। ରିହାତିରେ ଋଣଠାରୁ ଆରମ୍ଭ କରି ଜାଆଁଳା, ପୋଖରୀ ଖନନ କରି ଦିଆଯାଉଛି। ମାଛ ବିକ୍ରି କରିବା ପାଇଁ ବଜାର ସୁବିଧା ରହିଛି। ହୀରାକୁଦ ଜଳଭଣ୍ଡାର ଓ ଅନ୍ୟ ଜଳ ଉତ୍ସଗୁଡ଼ିକରେ ପ୍ରାକୃତିକ ଭାବେ ମାଛ ମାରିବା ପାଇଁ ଚାଷୀମାନଙ୍କୁ ଲାଇସେନ୍ସ ମଧ ଦିଆଯାଇଛି। ରାଜ୍ୟ ସରକାରଙ୍କ ୫-ଟି ଉପକ୍ରମରେ ଏହି ମତ୍ସଜୀବୀ କଲ୍ୟାଣ ଯୋଜନା କାର୍ଯ୍ୟକାରୀ ହେଉଛି। ଯୋଜନାରେ ୧୬ଟି କାର୍ଯ୍ୟକ୍ରମ ରହିଛି। ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରି ରୋଜଗାର ସୁଯୋଗ ସୃଷ୍ଟି କରିବା। ମା'ମାନଙ୍କୁ ସଶକ୍ତ କରିବା ଏବଂ ସର୍ବୋପରି ରାଜ୍ୟର ଆର୍ଥିକ ବିକାଶ କରିବାର ଲକ୍ଷ୍ୟ ରହିଛି। ମତ୍ସ୍ୟଜୀବୀ, ମତ୍ସ୍ୟଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଏହି ଯୋଜନାରେ ଅଧିକ ସାମିଲ କରିବାର ଲକ୍ଷ୍ୟ ରହିଛି। ଜିଲ୍ଲାରେ ହୀରାକୁଦ ଜଳଭଣ୍ଡାର ସହିତ ବିଭିନ୍ନ ବ୍ଲକ ଗୁଡ଼ିକରେ ଡ୍ୟାମ, ବଡ଼କଟା, ନଦୀଗୁଡ଼ିକ ଭଳି ଜଳସମ୍ପଦ ରହିଛି। ମାଛ ଚାଷ କରି ଅର୍ଥନୀତିର ବିକାଶ ପାଇଁ ଜଳସମ୍ପଦର ବ୍ୟବହାର କରାଯାଉଛି। ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ଓଡ଼ିଶା ମତ୍ସ୍ୟନୀତି-୨୦୧୫ ଏବଂ ଓଡ଼ିଶା ଜଳଭଣ୍ଡାର ମତ୍ସ୍ୟନୀତି-୨୦୧୨ ପ୍ରସ୍ତୁତ ହୋଇଥିଲା। ମତ୍ସ୍ୟଜୀବୀ ଓ ଗରିବ ଲୋକଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର କାମ କରୁଛନ୍ତି। ସାମାଜିକ ସୁରକ୍ଷା, ଖାଦ୍ୟ ସୁରକ୍ଷା, ରୋଜଗାରକୁ ଅଧିକ ଗୁରୁତ୍ୱ ଦେଇ ଅନେକ ପଦକ୍ଷେପ ନିଆଯାଇଛି। ଏ ସମ୍ପର୍କରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ତୁଷାର ରଞ୍ଜନ କହିଛନ୍ତି, ରାଜ୍ୟ ସରକାର ମାଛଚାଷ ଓ ଚାଷୀଙ୍କ ପାଇଁ ଅନେକ ଯୋଜନା ଓ ସୁବିଧା ଯୋଗାଇ ଦେଉଛନ୍ତି। ମହିଳା ଚାଷୀମାନଙ୍କୁ ସାମିଲ କରିବା ପାଇଁ ଅଧିକ ପ୍ରୋତ୍ସାହନ ଦେଉଛନ୍ତି। ଋଣ ଓ ରିହାତିରେ ଯାଆଁଳା ଦିଆଯାଇଛି। ସମିତିରେ ସାମିଲ ଥିବା ଚାଷୀଙ୍କ ପାଇଁ ହୀରାକୁଦ ଜଳଭଣ୍ଡାରରେ ଜୁନ ୧୫ ତାରିଖ ଠାରୁ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ମାଛଙ୍କ ଅଣ୍ଡା ଦେବା ସମୟ ରହିଥାଏ। ତେଣୁ ବାହାର ମାଛଧରାଳି, ନିର୍ଦ୍ଦିଷ୍ଟ ଅଞ୍ଚଳରେ ବୋଟ ଚଳାଚଳ ପାଇଁ କଟକଣା ଲଗାଯାଇଥାଏ। ଏପରିକି ମତ୍ସ୍ୟ ବିଭାଗ ପକ୍ଷରୁ ଜାଆଁଳା ଛଡ଼ା ଯାଇଥାଏ ଓ ମତ୍ସଜୀବୀ ମାନେ ଏହାର ଲାଭ ନେଇଥାନ୍ତି।

## ରେଢ଼ାଖୋଲରେ ବିଜେପି ପ୍ରାର୍ଥୀଙ୍କ ସମ୍ବର୍ଦ୍ଧନା ସଭା

# ଦେଖା ଦେଲେନି ଏନ୍ଏସି ଅଧକ୍ଷ ଓ ବରିଷ୍ଠ ନେତା



**ରେଢ଼ାଖୋଲ, ୩।୪(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ନିର୍ବାଚନମଣ୍ଡଳୀରେ ବିଜେପି ପୁନର୍ବାର ଦେବେନ୍ଦ୍ର ମହାପାତ୍ରଙ୍କୁ ପ୍ରାର୍ଥୀ କରିଛି। ଶ୍ରୀ ମହାପାତ୍ର ଗତ ୨୦୧୯ ନିର୍ବାଚନରେ ମଧ ବିଜେପି ପ୍ରାର୍ଥୀ ହୋଇ ତୃତୀୟସ୍ଥାନରେ ରହିଥିଲେ। ଚଳିତ ନିର୍ବାଚନରେ ତାଙ୍କୁ ଦଳ ପୁଣିଥରେ ପ୍ରାର୍ଥୀ କରିଥିବାରୁ ସେ କେତେ ଗ୍ରହଣୀୟ ହେବେ ତାକୁ ନେଇ ବିଜେପି କର୍ମୀମାନଙ୍କ ମଧ୍ୟରେ ଆଶଙ୍କା ଦେଖା ଦେଇଛି। ଦଳ ତାଙ୍କ ଉପରେ ପୁଣି ଥରେ ଆସ୍ଥା ପ୍ରକଟ କରିଥିବା ବେଳେ ସ୍ଥାନୀୟ କର୍ମୀ କିନ୍ତୁ ଆଶଙ୍କା ବ୍ୟକ୍ତ କରୁଥିବା ଚର୍ଚ୍ଚା ହେଉଛି। ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ରୋହିତ ପୂଜାରୀ ବିଜୟୀ ହୋଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଆସଫ ଅଲ୍ଲୀ ଖାଁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ରେଢ଼ାଖୋଲ ନିର୍ବାଚନମଣ୍ଡଳୀରେ ବିଧାନସଭା ପ୍ରାର୍ଥୀ ହେବା ପାଇଁ ପାରୁପର୍ଯ୍ୟନ୍ତ ଚେଷ୍ଟା କରି ଆସୁଥିବା ବରିଷ୍ଠ ନେତା ଗୋବିନ୍ଦ ଅଗ୍ରୱାଲଙ୍କ ବିଜେପି ଟିକଟ ପାଇଁ ଆଶୟୀ ଥିବା ଓ ତାଙ୍କୁ ଟିକେଟ ମିଳି ନ ଥିବାରୁ ତାଙ୍କ ସମର୍ଥକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଦେବେନ୍ଦ୍ର ମହାପାତ୍ରଙ୍କୁ ବିଜେପି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ଗୋବିନ୍ଦଙ୍କ ସମେତ ତାଙ୍କ ସମର୍ଥକ ଏଥିରେ ଅନୁପସ୍ଥିତ ଥିବା ଦେଖାଯାଇଛି। ଏହି ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ରେଢ଼ାଖୋଲ ଏନଏସି ଅଧକ୍ଷ ଶିବରାମ ସାହୁ ଓ ଜିଲ୍ଲା ପରିଷଦ ସଭ୍ୟ ଶରତ କୁମାର ପ୍ରଧାନ ପ୍ରମୁଖଙ୍କ ସମେତ ଅନ୍ୟ ସଦସ୍ୟମାନେ ଅନୁପସ୍ଥିତ ରହିଥିବା ବିଜେପିରେ ଥିବା ଅସନ୍ତୋଷକୁ ପଦାରେ ପକାଇଛି। ଦଳରେ ଥିବା ଫାଟକୁ ନେଇ ଆଗାମୀ ନିର୍ବାଚନରେ ବିଜେପି କିଭଳି ନିର୍ବାଚନ ବୈତରଣୀ ପାରି ହେବ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

# ହୀରାକୁଦ ସହରରେ ପୁଲିସ୍‌ର ଫ୍ଲାଗ୍‌ମାର୍ଚ୍ଚ

**ହୀରାକୁଦ, ୩।୪(ସମିସ):** ଆଗାମୀ ନିର୍ବାଚନକୁ ଆଖିଆଗରେ ରଖି ଆଜି ସନ୍ଧ୍ୟାରେ ପୁଲିସ୍ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ଶାନ୍ତିଶୃଙ୍ଖଳା ସହ ନିର୍ବାଚନ ସମ୍ପନ୍ନ ପାଇଁ ପୁଲିସ ପ୍ରଶାସନ ଲକ୍ଷ୍ୟ ରଖିଛି। ଏହି ମାର୍ଚ୍ଚ ଜରିଆରେ ପୁଲିସ ପ୍ରଶାସନ ଲୋକଙ୍କୁ ସଚେତନ କରୁଛି। ଏଥିରେ ହୀରାକୁଦ ଥାନା ଅଧିକାରୀ ଶ୍ରୀକାନ୍ତ କୁମାର ସାହୁ, ସିଆରପିଏଫ୍ ଇନ୍ସପେକ୍ଟର କେସି ମଲିକ ଓ ବୁର୍ଲା ଏସ୍‌ଡିପିଓ ଅମ୍ବିତ ମହାନ୍ତି ନେତୃତ୍ୱ ନେଇଥିଲେ। ଏହା ସିଆରପିଏଫ୍ ଡିଭିଏଫ୍ ଏବଂ ଜିଲ୍ଲା ପୁଲିସ ପକ୍ଷରୁ ମିଳିତ ଭାବେ ଆୟୋଜନ କରାଯାଇଥିଲା। ଜିଲ୍ଲାର ୫ ପ୍ଲାଟୁନ ପୁଲିସ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ।



# ଗୌରଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ରେଢ଼ାଖୋଲ, ୩।୪(ସମିସ):** ସ୍ଥାନୀୟ ଗୌରଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ବାର୍ଷିକ ଉତ୍ସବ ସହିତ ଜାତୀୟଯୁବ ଓ ସବୁଜ ବାହିନୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବେଣୁଧର ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରେଢ଼ାଖୋଲ ବ୍ଲକ ଶିକ୍ଷାଧିକାରୀ ସୁଦୀପ୍ତ କୁମାର ନାୟକ ଯୋଗଦେଇ ଆନୁଷ୍ଠାନିକ ଭାବରେ ବାର୍ଷିକ ଉତ୍ସବ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ମୁଖ୍ୟବକ୍ତା ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନିରଞ୍ଜନ ପାତ୍ର ଏବଂ ସମ୍ମାନିତ ଅତିଥି ଭାବରେ ସିଆରସିସି ଅନୀଲ କୁମାର ମେହେର ଓ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଧ୍ରୁବଚରଣ ସାହୁ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ




ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁବ୍ରତ କୁମାର ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ନମିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦୀପକ କୁମାର ପ୍ରଧାନ, ଅରବିନ୍ଦ ପ୍ରଧାନ ଓ ଗୀତାରାଣୀ ଦାସ ପରିଚାଳନା କରିବା ସହିତ ବିଦ୍ୟାଳୟର ସଞ୍ଜୟ ପ୍ରଧାନ, ଆଶୀର୍ବାଦ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଏହି ଉତ୍ସବରେ ସମସ୍ତ ଛାତ୍ର ଛାତ୍ରୀ, ଅଭିଭାବକ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ।




# ପ୍ରଣବ ପ୍ରକାଶଙ୍କ ପ୍ରାର୍ଥିତ୍ୱ ପରେ ବଢ଼ିଲା କର୍ମୀ, ନେତାଙ୍କ ଆତ୍ମବିଶ୍ୱାସ

**ସମ୍ବଲପୁର, ୩।୪(ସମିସ):** ସମ୍ବଲପୁର ଲୋକସଭା ଆସନ ପାଇଁ ବିଜେଡି ପ୍ରଣବ ପ୍ରକାଶ ଦାସଙ୍କୁ ପ୍ରାର୍ଥୀ କରିଛି। ନାମ ଘୋଷଣା ହେବା ଦିନରୁ ସମ୍ବଲପୁର ଜିଲ୍ଲା ସମେତ ଲୋକସଭା ଅଧିନରେ ଥିବା ୭ ଗୋଟି ବିଧାନସଭା କ୍ଷେତ୍ରରେ ବିଜେଡି ମହଲରେ ଉତ୍ସାହ ଖେଳିଯାଇଛି। କର୍ମୀ ଓ ନେତାଙ୍କ ଆତ୍ମବିଶ୍ୱାସ ଦୁଇଗୁଣା ବୃଦ୍ଧି ପାଇଛି। ବିଭିନ୍ନ ସ୍ଥାନରେ ବୈଠକ ଉତ୍ସାହରେ ପାଳନ କରୁଛନ୍ତି। ଜଣେ ଦକ୍ଷ ସଂଗଠକ ସହିତ ସମସ୍ତ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରୁଥିବା ପ୍ରଣବ ପ୍ରକାଶଙ୍କ ଭଳି ଜଣେ ଯୁବ ନେତାଙ୍କୁ ପାଇଥିବାରୁ ଏକପାଖିଆ ମତ ଯିବ ବୋଲି ସମ୍ବଲପୁରରେ ଦଳୀୟ ନେତା ଓ ବିଜେଡି ସମର୍ଥକଙ୍କ ଭିତରେ ଚର୍ଚ୍ଚା ଜୋର ଧରିଛି। ସବୁଠାରୁ ବଡ଼କଥା ହେଲା ପ୍ରଣବ ପ୍ରକାଶଙ୍କ ଜନ୍ମଭୂମି ଯାଜପୁର ହେଲେ ହେଁ ସମ୍ବଲପୁର ସହିତ ତାଙ୍କର ଦୀର୍ଘ ଦିନର ସମ୍ପର୍କ ରହିଛି। ସେ ସମ୍ବଲପୁର ଆସିଥିବା ବେଳେ ପୁରୁଣା କଥାକୁ ମନେ ପକାଇ ଭାବବିହ୍ୱଳ ହୋଇପଡ଼ିଥିଲେ। ମୋ ନିଜ ଘରକୁ ଫେରିଛି, ଏଠାରେ ମୋତେ ଏତେ ଜନ ସମର୍ଥନ ମିଳିବ ବୋଲି ଭାବି ନ ଥିଲି ବୋଲି ସେ କହିଥିଲେ। ବିଜେଡି ମୁଖପାତ୍ର ସଂଜୟ ବାବୁ କହିଛନ୍ତି ଯେ ଜଣେ ଦକ୍ଷ ସଂଗଠକ ପ୍ରଣବ ପ୍ରକାଶ ଦାସ। ବିଜୁ ଜନତା ଦଳ ତାଙ୍କୁ ସମ୍ବଲପୁର ଲୋକସଭା ପାଇଁ ଟିକେଟ ଦେବାପରେ ବିଜେଡିର ବୃହତ୍ତ ବିଜୟ ହେବ। କାରଣ ବିକାଶକୁ ପାଥେୟ କରି ନିର୍ବାଚନ ମଇଦାନକୁ ଓହ୍ଲେଇବ ବିଜେଡି। ସବୁଠାରୁ ବଡ଼କଥା ହେଲା ପ୍ରଣବ ପ୍ରକାଶଙ୍କ ପିଲାଦିନ ସମ୍ବଲପୁର ମାଟିରେ କଟିଛି। ଗଙ୍ଗାଧର ମେହେର କଲେଜରେ ପାଠ ପଢ଼ିଥିବା ତଥା ସମ୍ବଲପୁରରେ ନିଜର ଛାତ୍ର ଜୀବନ ବିତାଇଥିବା ସ୍ୱର୍ଗତ ଅଶୋକ ଦାସଙ୍କର ସେ ହେଉଛନ୍ତି ସୁପୁତ୍ର। ଅଶୋକ ଦାସ ଓଡ଼ିଶା ରାଜନୀତିରେ ଏକ ଚର୍ଚ୍ଚିତ ନାଁ। ସେ ଦୀର୍ଘଦିନ ଧରି ସମ୍ବଲପୁରରେ ରହୁଥିଲେ, ପାଠ



ପଢ଼ିଥିଲେ ଏବଂ ନିଜକୁ ସମ୍ବଲପୁରିଆ ଭାବରେ ମାନୁଥିଲେ। ସମ୍ବଲପୁରରେ ତାଙ୍କର ଦୀର୍ଘ ଦିନର ସମ୍ପର୍କ ତେଣୁ ଟିକେଟ ପାଇବା ପରେ ପ୍ରଥମ ଥର ପାଇଁ ସମ୍ବଲପୁର ଗସ୍ତରେ ପ୍ରଣବ ପ୍ରକାଶ ଦାସ ଆସି ମା' ସମଲେଇଙ୍କ ଆଶୀର୍ବାଦ ନେଇଥିଲେ। ସମ୍ବଲପୁର ମୋର ଦ୍ୱିତୀୟ ଘର ଓ ମୁଁ ମୋ ନିଜ ଘରକୁ ଫେରିଛି ବୋଲି କହିଥିଲେ। ସେହିପରି ପୂର୍ବତନ ଏସଡିଏ ଅଧକ୍ଷ ବିଜୟ ମହାନ୍ତି କହିଛନ୍ତି ଯେ କେବଳ ପ୍ରଣବ ପ୍ରକାଶଙ୍କ ବାପା ଏଠାରେ ରହୁଥିଲେ କି ପାଠ ପଢୁଥିଲେ ତା ନୁହେଁ ପ୍ରଣବଙ୍କ ପିଉସୀ ମଧ ସମ୍ବଲପୁର ନନ୍ଦପଡ଼ାରେ ରହୁଥିବା ସହରବାସୀ ଜାଣିଛନ୍ତି। ତେଣୁ ପ୍ରଣବ ପ୍ରକାଶଙ୍କ ସମ୍ବଲପୁର ସହ ଏକ ପୁରୁଣା ସମ୍ପର୍କ ରହିଛି। ଆଗରୁ ମଧ ସେ ସମ୍ବଲପୁର ଆସୁଥିଲେ ଓ ଦୀର୍ଘ ୬୦ ବର୍ଷ ଧରି ତାଙ୍କ ପରିବାରର ସମ୍ବଲପୁର ସହ ସମ୍ପର୍କ ଥିବା କହିଛନ୍ତି। ଯେତେବେଳେ ମା' ସମଲେଇଙ୍କୁ ଦର୍ଶନ କଲେ ମନ୍ଦିରରୁ ବାହାରିବା ମାତ୍ରେ ଆଖିରେ ତାଙ୍କର ପାଣି ଆସିଯାଇଥିଲା। ମୁଖ୍ୟମନ୍ତ୍ରୀ ମୋତେ ସମ୍ବଲପୁରରୁ ଟିକେଟ ଦେଇଛନ୍ତି। ତେଣୁ ଚଳିତ ବର୍ଷ ବିଜେଡିର ଏକ ବଡ଼ ବିଜୟ ହେବ ବୋଲି ସେ କହିଥିଲେ। ଯୁବ ନେତା ମିଳନ ହୋତା ମଧ ବବି ଦାସଙ୍କ ପ୍ରାର୍ଥୀ ହେବା ପରେ ଯୁବଗୋଷ୍ଠୀ ବେଶ ଉତ୍ସାହିତ ହୋଇଥିବା ସହ ସେମାନଙ୍କ ଆତ୍ମବିଶ୍ୱାସ ବଢ଼ି ଯାଇଥିବା କହିଛନ୍ତି।

## ଏସ୍ଏଚ୍‌ଜି ମହିଳାଙ୍କ ପ୍ରଣବ ପ୍ରକାଶଙ୍କୁ ସ୍ୱାଗତ



**ସମ୍ବଲପୁର, ୩।୪ (ସମିସ):** ସମ୍ବଲପୁର ଅଇଁଠାପାଲିଠାରେ ବିଜୁ ଜନତା ଦଳର କର୍ମୀ ଓ ମହିଳା ଏସ୍ଏଚ୍‌ଜି ଗ୍ରୁପର ସଦସ୍ୟାମାନେ ମିଳିତ ଭାବେ ବିଜେଡିର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କୁ ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ଅଶୋକ ମହାକୁଡ଼, ସାଧାରଣ ସମ୍ପାଦକ ସୁଶାନ୍ତ ପାଣିଗ୍ରାହୀ, ଦିଲୀପ ଦାଶ, ସୀତାକାନ୍ତ ପଣ୍ଡା, ଶିଶିର ମହାନ୍ତି, ସମ୍ପାଦକ ତାପସ ପଲେଇ, ବରିଷ୍ଠ ନେତା ନାସିର ଖାନ, ଲିଙ୍ଗରାଜ ତ୍ରିପାଠୀ, ଜିଲ୍ଲା ବିଜୁ ଯୁବ ଜନତା ଦଳ ସମ୍ପାଦକ ଇଂ.ଦିନେଶ ସେଠ୍, ଅଭିମନ୍ୟୁ ରାଉତ, ରାଜ୍ୟ ମହିଳା ଜନତା ଦଳ ସମ୍ପାଦିକା ମିତାଲି ସାହୁ, ସୁବର୍ଣ୍ଣ ନାୟକ, ଏସଡ଼ିସି ଉପାଧକ୍ଷା ରାକ୍ଷୀ ମୁଣ୍ଡା, ମୁକେଶ ପ୍ରଧାନ, ବନମାଳୀ ନାଗ, ନରେଶ ଭରଦ୍ୱାଜ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଅଭିମନ୍ୟୁ ରାଉତ, ଜୟନାରାୟଣ ନାଗ, ବିନୋଦ ଟପ୍ପୋ, ଗୌରାଙ୍ଗ ପାଣ୍ଡେ, ଗୋପାଳ ମିଶ୍ର, ଧରତୀ ଛତ୍ରପାଲ, ତେଜରାମ ଭୋଇ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଜଳିଗଲା ଚଳନ୍ତା କାର୍; ବର୍ତ୍ତିଗଲେ ପୁଲିସ୍ କର୍ମଚାରୀ

**ରେଢ଼ାଖୋଲ, ୩।୪(ସମିସ):** ନାକଟିଦେଉଳ ଥାନାର ପୁଲିସ୍ କର୍ମଚାରୀ ନିରଞ୍ଜନ ସାହୁ ଆଜି ସନ୍ଧ୍ୟାରେ ଏକ କାର୍ (ଓଡି-୧୫-ଜି-୪୯୩୭)ରେ ସମ୍ବଲପୁର ପଟକୁ ଯାଉଥିଲେ। ତେବେ କାର୍‌ଟି ଘୁଷରିଆବାହାଲ ଛକ ବୁଲାଣିରେ ହଠାତ୍ ଜଳି ଉଠିଥିଲା। ତେବେ ଭାଗ୍ୟବଶତଃ ସେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ। ତାଙ୍କ କହିବାନୁସାରେ, ସେ ଗାଡ଼ିରେ ନିଆଁ ଲାଗିଥିବା ଜାଣିପାରିବା ପରେ ଗାଡ଼ିଟିକୁ ରାସ୍ତାକଡ଼କୁ ନେଇଯାଇଥିଲେ। ଖୁବ୍‌ଶୀଘ୍ର ଗାଡ଼ିରୁ ଓହ୍ଲାଇ ଜିନିଷପତ୍ର ବାହାର କରିଥିଲେ। ଏତିକି ଭିତରେ ଗାଡ଼ିଟି ହୁହୁ ହୋଇ ଜଳିଉଠିଥିଲା। ସେଇ ରାସ୍ତାରେ ଯାଉଥିବା ସରକାରୀ ଲକ୍ଷ୍ମୀ ବସ୍‌ର କର୍ମଚାରୀ ବସ୍‌ରେ ଥିବା ନିଆଁଳିଭା ଗ୍ୟାସ୍ ପ୍ରୟୋଗ କରିଥିଲେ। ତେବେ ନିଆଁ ଅଣାୟତ୍ତ ହୋଇପଡ଼ିଥିଲା। ପରେ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ବେସରକାରୀ ସ୍କୁଲରେ ମାଗଣା ପାଠ୍ୟପୁସ୍ତକ ବିତରଣ

**ଜମନକିରା, ୩।୪(ସମିସ):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ବେସରକାରୀ ସ୍କୁଲ ଗୁଡ଼ିକରେ ମାଗଣାରେ ପାଠ୍ୟପୁସ୍ତକ ବିତରଣ କରାଯାଇଛି। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ଅନ୍ୟାନ୍ୟ ଓଡ଼ିଆ ମାଧ୍ୟମ ବିଦ୍ୟାଳୟମାନଙ୍କୁ ମାଗଣାରେ ପାଠ୍ୟପୁସ୍ତକ



ବଣ୍ଟନ କରାଯାଇଥିଲା। ଅନ୍ୟବର୍ଷ ମାନଙ୍କରେ ବେସରକାରୀ ବିଦ୍ୟାଳୟମାନଙ୍କୁ ଟଙ୍କା ପ୍ରଦାନ କରି ପାଠ୍ୟପୁସ୍ତକ ନେବାକୁ ପଡୁଥିଲା। ମାତ୍ର ସରକାରଙ୍କ ଏହି ଯୋଜନା ଫଳରେ ଅନେକ ଛାତ୍ରଛାତ୍ରୀ ଉପକୃତ ହୋଇପାରିଥିବାରୁ ଶିକ୍ଷକ, ଛାତ୍ରଛାତ୍ରୀ, ଅଭିଭାବକ, ଅଭିଭାବିକା ସମସ୍ତେ ଖୁସି ପ୍ରକାଶ ସରକାରଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି।

## ଛାତ୍ରଙ୍କ କୃତିତ୍ୱ



ମୟୂରଭଞ୍ଜ ଜିଲ୍ଲା, ବଡ଼ସାହି ବ୍ଲକ ପ୍ରତାପପୁର ସାନନୂଆଗାଁ ଗ୍ରାମର ସୁମିତ କୁମାର ବେହେରାଙ୍କ ପୁଅ ସଚିନ, ନବୋଦୟ ସ୍କୁଲ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କୃତିତ୍ୱ ହାସଲ କରିଛନ୍ତି । ସେ ବୀରେଶ୍ୱରପୁର ପଞ୍ଚାୟତର ଶିରିଡିସାଇ ଇଂରାଜୀ ମାଧ୍ୟମ ସ୍କୁଲରୁ ୫ମ ଶ୍ରେଣୀ ପାସ କରିଛନ୍ତି । ନବୋଦୟ ସ୍କୁଲର ଷଷ୍ଠ ଶ୍ରେଣୀରେ ଅଧ୍ୟୟନ ପାଇଁ ହୋଇଥିବା ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିଥିବାରୁ ପିତା-ମାତା ସମେତ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଅଳମତି ବିସ୍ତରେଣ
(ପଠନ ପାଠନ ମୁହୂର୍ତ୍ତରୁ ଦୃଷ୍ଟି ତୋଳି ଦେଖ ନିଜ ହାତେ ନିଜ ଭାଗ୍ୟ ଡୋରୀ)

୧- ମାତୃପିତୃ ଋଣ ଅପରିଶୋଧେନ ପାପମା, ମୁଖାଗ୍ନି ବଞ୍ଚିତଂ ପରିଣାମୋତି।
୨- ଅଭକ୍ଷ ଗ୍ରହଣ ଦୋଷ ଦହ୍ୟତେ ଦେହମ୍, ରୋଗ ଭୋଗ୍ୟମ୍ କୁମ୍ଭୀପାକ ନର୍କଂ।
୩- ଧର୍ମ ଧାସେ ଗ୍ଲାନି ଧର୍ମ ସୌଦାଗରଃ, ଶଠ୍ୟତେ ଅନ୍ୟମ୍ କାଳସୂତ୍ର ଦଣ୍ଡମ୍।
୪- ସତ୍‌ପଥିଙ୍କ କଣ୍ଟକ ଯଃ ବିଷ୍ଟଚଃ, ଆତତାୟୀ ସମା ଶୁକରମୁଖ ଜନ୍ମନି।
୫- ଶଟଙ୍କ ସମାହାର କୃପଣ କ୍ଷମତାନ୍ଧଃ, ପରଜନ୍ମନି ବିଷଧର ଜୀବନଂ।
୬- ମହତ ଜନସ୍ୟ ଛିଦ୍ରାନୁଷ୍ଣେଣ ଷଡଯନ୍ତ୍ରଃ ଶୁଳଃ, ଆତ୍ମଙ୍କ କ୍ଷତିକାରକଃ।
୭- ପରଧନ ଲୋଭାତ୍ ଚୌର୍ଯ୍ୟ କଳିକଲ୍ମଷେତି, କାରବାସ ଜନ୍ତୁନାଂ ଜନ୍ମନି।
୮- ଈର୍ଷା ଅସୂୟା କର୍କଟ ଗୁଣା ଏବ, ଅକର୍ମାଜସ୍ତ୍ୟଃ ରୌରବ ଦଣ୍ଡ ପ୍ରାପ୍ୟମ୍।
୯- ଦୁର୍ନୀତି ଭ୍ରଷ୍ଟାଚାରୀ ଧନେ ଧନିକଃ, ଅସ୍ଥିପତ୍ର ଯକ୍ଷେବ ଯଥା ପରଜନ୍ମମ୍।
୧୦- ପରନିନ୍ଦା ପରଚର୍ଚ୍ଚା ଅନ୍ତର୍ମଳ ମନାଃ, ଆତ୍ମହତ୍ୟା ଦୋଷେ ଅବଯାନମ୍।
୧୧- ଭୋଗ ବିଭୋର ଅର୍ଥାର୍ଥୀ ଅସଦା ଚରିତେ, ଅନ୍ଧକୂପେ ବନ୍ଦୀ କୁକର୍ମ ରତେ।
୧୨- ଅବଦାନ ଶୂନ୍ୟ ସଂଗଚ୍ଛଧ୍ୱ ଅହଂକାରଃ, ଅରଣ୍ୟ ରୋଦନ ଛାଗଳ ଜନ୍ମନି।
୧୩- ଆତ୍ମଦ୍ରୋହୀ ଧର୍ମସ୍ୟ ଅର୍ଥ ନ ଜାନାତି ଓଧ, ନ ଚ ବୁଦ୍ଧ ନିର୍ବାଣ ନିମିତ୍ତଂ।
୧୪- ସଦାତ୍ମା ସ୍ୱଧୟା କଷ୍ଟବାସୋ ଜୀବନଂ ହି, କଲ୍ୟାଣକୃତ କଶ୍ଚିତ୍ ନ ଦୁର୍ଗତିଂ।
୧୫- ନାମଧେୟ କର୍ମଂ, ପଙ୍କଜପି ପ୍ରତିଷ୍ଠାପ୍ୟ, ବିଧି ଯସ୍ୟ ବଶ ଦଣ୍ଡ ନାସ୍ତି।

| THE BED SEED OF LIFE | THE GOOD SHRINE OF LIFE |
|---|---|
| 1- Disobedience to parents. | 1- Life for love, stop hatred. |
| 2- Lie and libility. | 2- Wise ruler sans power. |
| 3- Avoiding right excepting wrong | 3- A teacher of truth. |

- ଶମିତ୍ୟୋମ୍ -
ସନ୍ମୂର୍ତ୍ତି-ଚଳଭାଷ-୯୪୩୯୪୮୦୦୦୦

## ଏଯାଏଁ ମିଳିନି ଆବାସ ଘର

# ହାତେଇ ନେଉଛନ୍ତି ବଡ଼ବଡ଼ିଆ, ଗରିବ ମାଟିଘରେ ଗଡ଼ୁଛି

କୁଚିଣ୍ଡା, ୩।୪(ସମିସ)

କୁଚିଣ୍ଡା ବ୍ଲକ ବକ୍ସମା ଗ୍ରାମପଞ୍ଚାୟତରେ ଗ୍ରାମୀଣ ଆବାସ ଯୋଜନା ପ୍ରହସନରେ ପରିଣତ ହୋଇଛି। ଏହି ଗ୍ରାମ ପଞ୍ଚାୟତର ବହୁ ଲୋକ ନିର୍ବାଚିତ ପ୍ରତିନିଧି ଓ ସରକାରୀ ଅଧିକାରୀମାନଙ୍କୁ ହାତ କରି ଦୁଇଟି ଏପରିକି ତିନୋଟି ଘର ହାତେଇ ନେଇଥିବାବେଳେ ପ୍ରକୃତ ଗରିବ ଲୋକଟି ଘରଖଣ୍ଡିଏ ପାଇଁ ହିନସ୍ତା ହେଉଛି। ଏହାର ଏଦାହରଣ ଏହି ପଞ୍ଚାୟତର ଲାଡ଼ ଗ୍ରାମରେ ଦେଖିବାକୁ ମିଳିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ବକ୍ସମା ଗ୍ରାମପଞ୍ଚାୟତ ଲାଡ଼ ଡୁଙ୍ଗାଘାଟ ପଡ଼ାରେ ବାସ କରନ୍ତି ଜଗବନ୍ଧୁ ମାଝି। ନିଜର ପରିବାର ସହ ଏକ ମାଟି ଘରେ ରହନ୍ତି। ଅନେକ ଥର ପଞ୍ଚାୟତରେ ଗ୍ରାମୀଣ ଆବାସ ଯୋଜନାରେ ଘରଖଣ୍ଡିଏ ଯୋଗାଇ ଦେବା ପାଇଁ ଆବେଦନ କରିବା ସହ ନିର୍ବାଚିତ ପ୍ରତିନିଧି ଏବଂ ଅଧିକାରୀମାନଙ୍କୁ ହାରିଗୁହାରି କରିଥିଲେ ମଧ ଏପର୍ଯ୍ୟନ୍ତ ତାଙ୍କ ପରିବାରକୁ ଘରଖଣ୍ଡିଏ ମିଳିପାରି ନାହିଁ। ଗତ ମାର୍ଚ୍ଚ ମାସରେ ହୋଇଥିବା ବର୍ଷାରେ ତାଙ୍କ ମାଟି ଘରର ଗୋଟିଏ କାନ୍ଥ ଭାଙ୍ଗିଯିବା ସହିତ ଘରର ଅନ୍ୟ କାନ୍ଥଗୁଡ଼ିକ ଫାଟି ଆଁ କରିଛି। ନିଜର ଜୀବନ ପ୍ରତି ବିପଦ ଥିବା ଦେଖି ପରିବାରର ସଦସ୍ୟ ଘରେ ରହୁନାହାଁନ୍ତି। ସେହିପରି ଏହି ପଡ଼ାର ବିନୋଦ ମାଝୀଙ୍କ ଘରର ଅବସ୍ଥା ଅତିଶୋଚନୀୟ ହୋଇପଡ଼ିଥିଲେ ମଧ ଅନନ୍ୟୋପାୟ ହୋଇ ତାଙ୍କ ପରିବାର ଲୋକେ ଜୀବନ ପ୍ରତି ବିପଦ ଥିବା ଜାଣି ସୁଦ୍ଧା ସେହି ଘରେ ରହୁଛନ୍ତି। ଅନ୍ୟପକ୍ଷରେ ଏହି ପଞ୍ଚାୟତରେ ଅନେକ ପରିବାର ଦୁଇଟି ଲେଖାଏଁ ଘର ହାତେଇ ନେଇ ବେଶ୍ ଆରାମରେ ରହୁଛନ୍ତି। ସରକାରୀ କର୍ମଚାରୀମାନେ ଘର ବଣ୍ଟନ ସମୟରେ ନିଜର କର୍ତ୍ତବ୍ୟରେ ଅବହେଳା କରି ଉପଯୁକ୍ତ ଭାବେ ଯାଞ୍ଚ କରୁ ନଥିବାରୁ ଏହିପରି ଘଟଣା ଘଟୁଛି ବୋଲି ଅଭିଯୋଗ ହେଉଛି। ଘଟଣା ବାବଦରେ ମତାମତ ପାଇଁ କୁଚିଣ୍ଡା ବିଡିଓ ନିରଞ୍ଜନ ସାଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେ, ଜଗବନ୍ଧୁଙ୍କ ନାମ ଲିଷ୍ଟରେ ଥିଲା କିନାହିଁ ଯାଞ୍ଚ କରିବା ପରେ ପଦକ୍ଷେପ ନିଆଯିବ। ତେବେ ତାଙ୍କ ପରିବାରକୁ ତୁରନ୍ତ ପଲିଥିନ ଯୋଗାଇ ଦେବାକୁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।





■ ବକଟିରେ ଯୁବ ବିଜେଡିର ସାଂଗଠନିକ ସଭା

## ବିଭିନ୍ନ ଦଳରୁ ୭୦ ଜଣଙ୍କ ଯୋଗଦାନ



**ଭେଡେନ, ୩।୪ (ସମିସ):** ଭେଡେନ ବ୍ଲକ ବକଟି ପଞ୍ଚାୟତସ୍ଥିତ ଅପାମରା ଠାରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ତତ୍ତ୍ୱାବଧାନରେ ବକଟି ପଞ୍ଚାୟତ ବିଜେଡି କର୍ମୀଙ୍କୁ ନେଇ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ସାଧାରଣ ନିର୍ବାଚନକୁ ନଜର କରି ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ କାର୍ଯ୍ୟ, ଯୋଜନା, ବିକାଶମୂଳକ କାର୍ଯ୍ୟର ଆଲୋଚନା କରାଯାଇଥିଲା। ଅରବିନ୍ଦ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ତୋସବନ୍ତ ବେହେରା(ଘଡି), ବିଜେଡି ସଭାପତି ହରିଶଙ୍କର ବେହେରା, ଜିଲ୍ଲାପରିଷଦ ସଭ୍ୟା ପଦ୍ମିନି ଗଡ଼ତିଆ, ବକଟି ସରପଞ୍ଚ ଲୋଚନା ସେଠ, ସମିତି ସଭ୍ୟା ମମତା ବାଗ, ବରିଷ୍ଠ ବିଜେଡି କର୍ମୀ ଭୁବନେଶ୍ୱର ଚିନ୍ଦ୍ରା, ମନବୋଧ ଛନ୍ଦ, ଙ୍କ ସମେତ ବକଟି ଗ୍ରାମପଞ୍ଚାୟତ ଶତାଧିକ ଯୁବ ବିଜେଡି କର୍ମୀ ଉପସ୍ଥତି ଥିଲେ। ଏହି ଅବସରରେ ବିଭିନ୍ନ ଦଳର ୭୦ଜଣ କର୍ମୀ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦାନ କରିଥିଲେ।

# ବଦଳିଲା ଭଟଲି ସମୀକରଣ; ସୁଶାନ୍ତ ମିଶ୍ର ବିଜେଡିରେ ସାମିଲ

ବରଗଡ଼, ୩।୪(ସମିସ)

ଭଟଲି ନିର୍ବାଚନ ମଣ୍ଡଳୀରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ରାଜନୀତି ସମୀକରଣ ସମ୍ପୂର୍ଣ୍ଣ ଭାବରେ ବଦଳି ଯାଇଛି। ଏହି ନିବର୍ବାଚନ ମଣ୍ଡଳୀର ବିଜେପି ଟିକଟର ପ୍ରମୁଖ ଦାବିଦାର ଥିବା ସୁଶାନ୍ତ ମିଶ୍ର ଦଳ ଛାଡି ବିଜେଡିରେ ଯୋଗଦାନ କରିବା ସହ ତାଙ୍କ ପତ୍ନୀ ତଥା ସମାଜସେବୀ ପରିନିତା ମିଶ୍ରଙ୍କୁ ବିଜେଡି ସାଂସଦ ଟିକେଟ ଦେବାପରେ ଦଳ ଏଠାରେ ଶକ୍ତିଶାଳୀ ହୋଇ ଉଠିଛି।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ନିଜର ଯୁବାବସ୍ଥାରୁ ସୁଶାନ୍ତ ଯୁବ କଂଗ୍ରେସ ଓ କଂଗ୍ରେସ ଦଳର ବହୁ ପଦପଦବୀରେ ରହି ଜଣେ ପ୍ରମୁଖ ସଂଗଠକ ଭାବରେ ନିଜର ପରିଚୟ ସୃଷ୍ଟି କରିଥିଲେ। ଏପରିକି ୨୦୧୪ ବିଧାନସଭା ନିର୍ବାଚନରେ କଂଗ୍ରେସ ତାଙ୍କୁ ଟିକଟ ନ ଦେବାରୁ ସେ ସ୍ୱାଧୀନ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରି କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ପ୍ରକାଶ ଦେବତାଙ୍କୁ



ଚତୁର୍ଥ ସ୍ଥାନକୁ ଠେଲି ନିଜେ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଥିଲେ। ଏହି ନିର୍ବାଚନରେ ସେ ୩୭ ହଜାରରୁ ଅଧିକ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ବିଜେଡିର ବିଜୟୀ ପ୍ରାର୍ଥୀ ସୁଶାନ୍ତ ସିଂ ୭୫୦୭୭ ପାଇଥିବା ବେଳେ ତୃତୀୟ ସ୍ଥାନରେ ବିଜେପିର ସୌରୀ ଚରଣ ବାରିକ ୨୯୩୧୬ ଏବଂ କଂଗ୍ରେସରୁ ପ୍ରକାଶ ଚନ୍ଦ୍ର ଦେବତା ୧୦୫୦୬ ଭୋଟ ପାଇ ଚତୁର୍ଥ ସ୍ଥାନରେ ରହିଥିଲେ। ସେ ଜନପ୍ରତିନିଧି ଭାବେ ନିର୍ବାଚିତ ହୋଇ ନ ଥିଲେ ମଧ୍ୟ ଏହି ନିର୍ବାଚନମଣ୍ଡଳୀର ଜଣେ ପ୍ରମୁଖ ସଂଗଠକ ଭାବରେ ନିଜର ପରିଚୟ ସୃଷ୍ଟି କରି ପରେ ବିଜେପିରେ ଯୋଗ ଦେଇଥିଲେ। ବିଜେପି ପ୍ରଥମେ ତାଙ୍କୁ ରାଜ୍ୟ ସମ୍ପାଦକ ଓ ପରେ ଜିଲ୍ଲା ଉପସଭାପତି ଦାୟିତ୍ୱ ଦେଇଥିଲା। ମାତ୍ର ନିର୍ବାଚନ ରାଜନୀତିରେ ତାଙ୍କୁ ଅଣଦେଖା କରାଯିବାରୁ ସେ ବୁଧବାର ଦିନ ସାଙ୍ଗ ଭବନରେ ନିଜ ପତ୍ନୀ ତଥା ସମାଜସେବୀ ପରିନିତା ମିଶ୍ରଙ୍କ ସହ ବିଧାୟକ ସୁଶାନ୍ତ ସିଂ, ବିଧାୟିକା ଦିପାଲୀ ଦାସଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଥିଲେ। ତାଙ୍କ ପରିବାରର ଏହି ବିଜେଡି ଯୋଗଦାନ ଭଟଲିର ରାଜନୈତିକ ସମୀକରଣକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି। କାରଣ ଇତିମଧ୍ୟରେ ସମାଜସେବୀ ପରିନିତା ମିଶ୍ରଙ୍କୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳର ବରଗ? ସାଂସଦ ପ୍ରାର୍ଥୀ ଭାବେ ମଧ୍ୟ ଘୋଷଣା କରିଛନ୍ତି। ଏହି ପରିବର୍ତ୍ତିତ ରାଜନୀତି ପାଣିପାଗରେ ଭଟଲି ନିର୍ବାଚନ ମଣ୍ଡଳୀରେ ଏବେ ଦଳ ଆହୁରି ଶକ୍ତିଶାଳୀ ହୋଇଉଠିବ ବୋଲି ରାଜନୀତିଜ୍ଞ ପର୍ଯ୍ୟବେକ୍ଷକମାନେ ଆକଳନ କରୁଛନ୍ତି।

## ବରଗଡ଼ ବିଧାନସଭା ଆସନରୁ ନିର୍ଦ୍ଦଳୀୟ ପ୍ରାର୍ଥୀ ହେବେ ନନ୍ଦନ




**ବରଗଡ଼, ୩।୪ (ସମିସ):** କୋଶଳ ୟୁନାଇଟେଡ ଫ୍ରଣ୍ଟ ପକ୍ଷରୁ ବରଗଡ଼ ବିଧାନସଭା ଆସନରୁ ନିର୍ଦ୍ଦଳୀୟ ଭାବରେ ପ୍ରାର୍ଥୀ ହେବେ ନନ୍ଦନ ମହାନନ୍ଦ। ଏନେଇ ବିଧବାର ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି। ଆଜି ସଂଗଠନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ହୋଇଥିଲା। ଏ ଅବସରରେ କୋଶଳ ଆନ୍ଦୋଳନରେ ସମ୍ମିଳିତ ଥିବା ପଶ୍ଚିମ ଓଡ଼ିଶାର ସମସ୍ତ ସଂଗଠନ କୋଶଳ ମଜଦୁର ସଂଘର ପ୍ରତିଷ୍ଠାତା ନନ୍ଦନ ମହାନନ୍ଦଙ୍କୁ କୋଶଳ ୟୁନାଇଟେଡ୍ ଫ୍ରଣ୍ଟ ପକ୍ଷରୁ ବରଗଡ଼ ବିଧାନ ସଭା ପାଇଁ ପ୍ରାର୍ଥୀ ଭାବେ ମନୋନୟନ କରାଯାଇଛି। ସେହିପରି ସମ୍ବଲପୁର ଲୋକସଭା ପାଇଁ ମଧ୍ୟ ସଂଗଠନ ପକ୍ଷରୁ ପ୍ରାର୍ଥୀ ଦିଆଯାଉଥିବା ସୂଚନା ଦିଆଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନନ୍ଦ ଙ୍କ ସହ କୋଶଳ ୟୁନାଇଟେଡ ଫ୍ରଣ୍ଟର ପ୍ରତିଷ୍ଠାତା ସଦସ୍ୟ ଅଂଶୁମାନ ନନ୍ଦ, ଛାତ୍ର ସଂଗଠନରୁ ରୀମାମୟୀ ସାହୁ, ସାମାଜିକ କର୍ମୀ ଦିଶା ସୂର୍ଜାଲ, କୋଶଳ କ୍ରାନ୍ତି ସେନାର ଅର୍ପଣ ଦାସ ନାୟକ, କୋଶଳ ସେନାର ରମଣୀ ଦନ୍ତା, ସମଲେଇ ସେନାର ପ୍ରଦୀପ ଦିଣ୍ଡିଆ, କୋଶଳ କ୍ରାନ୍ତି ଦଳର ସୁଶାନ୍ତ ମିଶ୍ର, ନେତ୍ରାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂଯୁକ୍ତ କୃଷକ ସଂଗଠନ ପ୍ରତିନିଧିଙ୍କ କ୍ଷେତ୍ର ପରିଦର୍ଶନ

**ଅମ୍ବାଭୋନା, ୩।୪(ସମିସ):** ବିଗତ ଦିନରେ କୁଆପଥର ମାଡ଼ ଏବଂ ଅଦିନିଆଁ ବର୍ଷାରେ ଅମ୍ବାଭୋନା ଅଞ୍ଚଳରେ ବ୍ୟାପକ ଫସଲକ୍ଷତି ହୋଇଥିବା ବେଳେ ବୁଧବାର ସଂଯୁକ୍ତ କୃଷକ ସଂଗଠନ ପ୍ରତିନିଧିମାନେ କ୍ଷେତ୍ର ପରିଦର୍ଶନ କରିଥିଲେ। ଗତ ୨୫ମାର୍ଚ୍ଚରେ ଅମ୍ବାଭୋନା ଅଞ୍ଚଳରେ ଅଦିନିଆ ବର୍ଷା ସାଙ୍ଗକୁ କୁଆ ପଥର ବୃଷ୍ଟି ହୋଉଥିଲା। ଅମ୍ବାଭୋନା ଅଞ୍ଚଳରେ ଚଳିତ ବର୍ଷ ଅଣଧାନ ଚାଷ ଯଥା ସୋରିଷ, ସୂର୍ଯ୍ୟମୁଖୀ, ଚିନାବାଦାମ ସହିତ ତରଭୁଜ, ମୁଗ, ବିରି ଆଦି ବହୁତ ପରିମାଣରେ ହୋଇଥିବା ଦେଖିବାକୁ ମିଳିଥିଲା। ଚାଷୀମାନେ ଧାର କରଜ ଆଣି କମ୍ ପାଣି, କମ ଖର୍ଚ୍ଚ କରି ଏହି ଚାଷ କରି ଆନନ୍ଦିତ ମଧ୍ୟ ଥିଲେ। ବର୍ଷାପରେ ପ୍ରଭାବିତ ଚାଷୀମାନେ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିଲେ। କୃଷି ଏବଂ ରାଜସ୍ୱ ବିଭାଗ ଅଧିକାରୀମାନେ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଆଜି ବାରପାହାଡ଼ କୃଷକ ସଂଗଠନ ଏବଂ ସଂଯୁକ୍ତ କୃଷକ ସଂଗଠନର ମିଳିତ ପ୍ରତିନିଧି ଦଳ କ୍ଷେତ କ୍ଷେତ ଯାଇ କ୍ଷୟକ୍ଷତି ଅଞ୍ଚଳ ବୁଲି ଦେଖିଛନ୍ତି ଏବଂ ଚାଷୀ ମାନଙ୍କୁ ନିଜର କ୍ଷତି ଲିଖିତ ଭାବେ ଜଣାଇବାକୁ ଅନୁରୋଧ କରିଛନ୍ତି ଏବଂ ପ୍ରଶାସନକୁ ତୁରନ୍ତ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାପାଇଁ ନିବେଦନ କରିଛନ୍ତି। ସଂଗଠନର ରମେଶ ମହାପାତ୍ର, ଉପେନ୍ଦ୍ର କୁମାର ଭୋଇ, ସୁଦାମ ପାତ୍ର, ଈଶାନ୍ତ ଭୋଇ, ଇନ୍ଦ୍ରଜିତ ବିଶି, ରୋହିତ ଖମାରୀ, ରମେଶ ରୁହିଦାସ, ଦୁର୍ବାଦଳ ଚୌଧୁରୀ, ତ୍ରିଲୋଚନ ଦୁଆନ, ଜୟପ୍ରକାଶ ବେହେରା ଧନଞ୍ଜୟ ପାତ୍ର, ରାଧେଶ୍ୟାମ ସା ଉପସ୍ଥିତ ଥିଲେ।



## ପାଇକମାଳ ହାଇସ୍କୁଲରେ ପ୍ରବେଶ ଉତ୍ସବ



**ପାଇକମାଲ, ୩।୪ (ସମିସ):** ସରକାରୀ ଉଚ୍ଚବିଦ୍ୟାଳୟ ପାଇକମାଳରେ ନବମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିମୟୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଟିଓୟୁପି, କୋକନରା, ବଇଦପାଲି, ଅରବିନ୍ଦ ସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର, ବାଳିକା ୟୁଜି ୟୁପିର ୧୭ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ସମ୍ବର୍ଦ୍ଧନା ଦେଇ ପରିସର, ଶ୍ରେଣୀଗୃହ, ପୁସ୍ତକାଳୟ, ବିଜ୍ଞାନାଗାରକୁ ବୁଲାଇ ଦେଖାଇଥିଲେ। ତ୍ରିଲୋଚନ ନାଏକ ପରିଚାଳନା କରିଥିଲେ।

## ଷୋହଳ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ

**ଦହିତା, ୩।୪ (ସମିସ):** ପଦ୍ମପୁର ବ୍ଲକ ବୁଡାମାଲ ପଞ୍ଚାୟତ ଖଇରପାଲି ଗ୍ରାମଠାରେ ଷୋହଳ ପ୍ରହରୀ ନାମଯଜ୍ଞ ଆରମ୍ଭ ହୋଇଥିବାବେଳେ ଗାଁରେ ମାଉସୀ ମା ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଛି। ପ୍ରତ୍ୟେକ ଦିନ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳୁଥିବାବେଳେ ମଙ୍ଗଳବାର ଦିନରେ ବରିଷ୍ଠ ବିଜେଡି ନେତା ପ୍ରୀତମ ମେହେର ଯୋଗଦେଇ ପ୍ରଭୁଙ୍କ ଦର୍ଶନ କରିଥିଲେ। ବିଭିନ୍ନ ଗ୍ରାମାଞ୍ଚଳରୁ ଆସୁଥିବା ଭଗବତ ପ୍ରେମୀମାନଙ୍କ ପାଇଁ ଆୟୋଜକ ମାନେ ସମସ୍ତ ପ୍ରକାର ବ୍ୟବସ୍ଥା କରୁଛନ୍ତି।

## ଧର୍ମପରାୟଣ ମହିଳାଙ୍କ ପରଲୋକ

**ବରଗଡ଼, ୩।୪ (ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଗଣ୍ଡତୁରୁମ ନିବାସୀ ଧର୍ମପରାୟଣ ମହିଳା ଦୁହିତା ଦାଶଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୫ ବର୍ଷ



ବୟସ ହୋଇଥିଲା। ସ୍ୱର୍ଗତା ଦାଶ ଗଣ୍ଡତୁରୁମ ଗୌନ୍ତିଆ ସ୍ୱର୍ଗତ ଚରଦିଆ ଦାଶଙ୍କ ଧର୍ମପତ୍ନୀ ଥିଲେ। ଗଣ୍ଡତୁରମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ ପୁଅ ଚିତ୍ତରଞ୍ଜନ ଦାଶ ମୁଖାଗ୍ନି ଦେଇଥିଲେ। ସେ ତାଙ୍କ ପଛରେ ୩ ପୁଅ ଓ ଗୋଟିଏ ଝିଅ ତଥା ପରିବାର ବର୍ଗଙ୍କୁ ଛାଡି ଯାଇଛନ୍ତି। ତାଙ୍କ ବିୟୋଗରେ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

ବିଜାଢୋଲରେ ଆଧ୍ୟାତ୍ମିକ ପରିବେଶ

## ସାଧୁସନ୍ଥଙ୍କ ଅଖଣ୍ଡ ଦୀପ ପ୍ରଜ୍ୱଳନ



**ଝାରବନ୍ଧ, ୩।୪ (ସମିସ):** ଝାରବନ୍ଧ ନିକଟସ୍ଥ ବିଜାଢୋଲ ନବନିର୍ମିତ ଶ୍ରୀ ଜଗନ୍ନାଥ ମନ୍ଦିର ଓ ବିଗ୍ରହସ୍ଥାପନ ପ୍ରଥମ ଦିନାରୁ ଏକ ଆଧ୍ୟାତ୍ମିକ ପରିବେଶ ଦେଖାଦେଇଛି। ୧୦୮ପୂର୍ଣ୍ଣ କଳସ ପୂଜାସ୍ଥାନକୁ ଆଣି ସ୍ଥାନିତ କରା ଯାଇଥିଲା। ଗ୍ରାମର ପ୍ରତ୍ୟେକ ଘର ସମ୍ମୁଖରେ ଝୋଟି ସହ ପୂର୍ଣ୍ଣ କଳସ, ଶ୍ରୀଫଳ ରଖି ଅତିଥିମାନଙ୍କୁ ସ୍ୱାଗତ କରାଯାଉଛି। ମହିମା ଧର୍ମୀ ସାଧୁ ସନ୍ଥଙ୍କ ଦ୍ୱାରା ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇ ଥିଲା। ଗୋପପୁର ମହିମା ଆଶ୍ରମର ଅଧିଷ୍ଠାତା ସାଧୁ ନୃସିଂହ ଦାସ, ବୁକୁରାମୁଣ୍ଡା ମହିମା ଆଶ୍ରମର ଅଧି ଷ୍ଠାତା ସାଧୁ ଗିରିଜା ଶଙ୍କର ଦାସ, ଚର୍ଦାପାଲି ମହିମା ଆଶ୍ରମର ଅଧିଷ୍ଠାତା ସାଧୁ ବଳରାମ ଦାସ, ବିଜୟ ତ୍ୟାଗୀ, ସୁମନ୍ତ ତ୍ୟାଗୀ ସହ ଶତାଧିକ ମହିମା ଭକ୍ତ ଓ ମହିମାପ୍ରେମୀଯୋଗ ଦେଇ ବିଶ୍ୱର କଲ୍ୟାଣ ପାଇଁ ଅଖଣ୍ଡ ହୋମଯଜ୍ଞ କରିଥିଲେ। ରାତ୍ରରେ ଭଜନ, ପ୍ରବଚନ କରାଯିବ ବୋଲି ଗ୍ରାମବାସୀ ଙ୍କ ଠାରୁ ସୁଚନା ମିଳେ। ଜଗନ୍ନାଥ ମନ୍ଦିର ଓ ବିଗ୍ରହ ସ୍ଥାପନରେ ବହୁତ ସଂଖ୍ୟାରେ କାର୍ଯ୍ୟକ୍ରମ ହେଉଥିବାରୁ ପରିଚାଳନା କମିଟି ଓ ଗ୍ରାମବାସୀ ଆତିଥ୍ୟ ଦେବାକୁ ତନ ମନକୁ ଏକ କରିଛନ୍ତି।ପାଞ୍ଚ ଦିବସ ବ୍ୟାପି ହେଉ ଥିବା କାର୍ଯ୍ୟକ୍ରମରେ ପ୍ରତ୍ୟେକ ପରିବାର ଘରେ ଅତିଥି, ସମ୍ପର୍କୀୟ ଆସି ପ୍ରଭୁ ଦର୍ଶନ ଲାଭ କରିବାକୁ ତତ୍ପର ପ୍ରକାଶ କରୁଛନ୍ତି।

## ଥୁଆପାଲି ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବରଗଡ଼, ୩।୪ (ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଥୁଆପାଲି ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମ୍ଭାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରେମଣ୍ଡା ସରପଞ୍ଚ ଉଦ୍ଧବ ବାରିକ, ସମ୍ମାନିତ ଭାବେ ସିଆରସିସି ମନୋରଞ୍ଜନ ବେହେରା, ପ୍ରଧାନ ଶିକ୍ଷକ ନରେନ୍ଦ୍ର ସେଠ, ୱାର୍ଡସଭ୍ୟା ବାସନ୍ତୀ ନାଏକ, କୃପାସିନ୍ଧୁ ଭୁଏ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ନିନିମା ପୋଡ଼, ପ୍ରାଥମିକ ବିଭାଗରୁ ସୋମ୍ୟା ଭିତିରିଆ ଓ ନି.ପ୍ରା. ବିଭାଗରୁ ବନ୍ଦନା ସୁନାଙ୍କୁ ଚାମ୍ପିଅନ୍ ଟ୍ରଫି ପ୍ରଦାନ କରାଯାଇଥିଲା। ଶିକ୍ଷକ ପ୍ରତାପ କେଶରୀ ବହିଦାର ପରିଚାଳନା କରିଥିବାବେଳେ ସୀତାରାମ କନ୍ହେଧର, ଶିକ୍ଷୟିତ୍ରୀ ଗୀତା ସେଠ, ଅନୀଳ ନାୟକ ଓ ଠାକୁର ସାହୁ ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅଞ୍ଜଳି ଭୁଏଙ୍କ ତତ୍ତ୍ୱାବଧାନରେ ସଭ୍ୟ ନୃସିଂହ, ରବୀନ୍ଦ୍ର ଛତର, ମହମ୍ମଦ ସବାବ, ଗୁରୁଦେବ ପାଣି, ଭରତ ଚୌଧୁରୀ, ଭୁବନେଶ୍ୱର ଭୁଏ, ସଭ୍ୟା ଶୀତଳ, ଲକ୍ଷ୍ମୀ ମୁଦୁଲି, ବିଜୟା ଭୁଏ, ଲିଲିମା ନାଗ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଗୁଦେରପାଲି ୟୁଜିୟୁପି ସ୍କୁଲରେ ପ୍ରବେଶ ଉତ୍ସବ




**ଗୁଦେରପାଲି, ୩।୪(ସମିସ):** ଗାଇସିଲେଟ ବ୍ଲକ ଗୁଦେରପାଲି ୟୁଜିୟୁପି ସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଖମାରୀଙ୍କ ଅଧ୍ୟକ୍ଷତାରେ ସ୍କୁଲ ପିଲାଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି। ନୂତନ କରି ସ୍କୁଲ ଆସୁଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଫୁଲ ଚନ୍ଦନ ଲଗାଇ ସ୍ୱାଗତ କରାଇଥିଲେ। ଛାତ୍ରଛାତ୍ରୀଙ୍କୁ ବହି, ଖାତା ଡଟପେନ ଆଦି ଉପହାର ଦେଇଥିଲେ। ଏଥିରେ ଶିକ୍ଷୟିତ୍ରୀ ସନ୍ତୋଷିନୀ ପ୍ରଧାନ, ଶିକ୍ଷକ ସପ୍ତମ ବିଶ୍ୱାଳ, ଜୟଲାଲ ସାହୁ ଏବଂ କୃପାସିନ୍ଧୁ ପାଇକ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରେ ସମ୍ବର୍ଦ୍ଧନା ଉତ୍ସବ



**ପଦ୍ମପୁର, ୩।୪(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପଦ୍ମପୁରରେ ପ୍ରଧାନ ଆଚାର୍ଯ୍ୟ ଯୁବରାଜ ପଧାନଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ ସଭାକାର୍ଯ୍ୟରେ ମୁଖ୍ୟ ଅତିଥି ଭାବରେ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ବିଦ୍ୱତ ପରିଷଦ ସଭାପତି ଡ. ବାଞ୍ଛାନିଧି ପଣ୍ଡା ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବରେ ବରଗଡ଼ ବିଭାଗ ନିରୀକ୍ଷକ ସୁଶାନ୍ତ କୁମାର ପାଣିଗ୍ରାହୀ, ବରଗଡ଼ ଜିଲ୍ଲା ସହ ପ୍ରମୁଖ ମନୋଜ କୁମାର ପଣ୍ଡା, ସଂକୁଳ ପ୍ରମୁଖ ଦ୍ୱାଦଶ କୁମାର ପଧାନଙ୍କ ସମେତ ସଭାପତି ପୃଥିରାଜ ସାହୁ, ସମ୍ପାଦକ ଜନକଲାଲ ମେହେର, କୋଷାଧ୍ୟକ୍ଷ ଘନଶ୍ୟାମ ପୁଞ୍ଜି, ଉପ ସଭାପତି ଗୋପାଳକୃଷ୍ଣ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଶିଶୁମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ସହ ପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଭୋଇ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଞ୍ଚାସୀନ ସମସ୍ତ ଅତିଥି ବୃନ୍ଦ, ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ର ସଂସଦର ସଭ୍ୟ ଯୋଗଦେଇ ସମର୍ଦ୍ଧିତ ପ୍ରଧାନ ଆଚାର୍ଯ୍ୟ ଯୁବରାଜ ପଧାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କଲ୍ୟାଣୀ ମିଶ୍ର ଗୁରୁମା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। କୋଷାଧ୍ୟକ୍ଷ ଘନଶ୍ୟାମ ପୁଞ୍ଜି ଧନ୍ୟବାଦ ଅର୍ପଣ କରିଥିଲେ।

# କଲେଜ ରୋଡରେ ଫାଣ୍ଡି ସ୍ଥାପନ ଦାବି କଲେ ଅଞ୍ଚଳବାସୀ

ବରଗଡ଼, ୩।୪(ସମସି)

ବରଗଡ଼ ସହରରେ ଦିନକୁ ଦିନ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ଓ ଆଇନ ଶୃଙ୍ଖଳା ପରସ୍ଥିତି ବିଗୁଡିଥିବାରୁ କଲେଜ ରୋଡ ତଥା ରୋହଣିଆ ଅଞ୍ଚଳବାସୀ ବୁଧବାର ବରଗଡ଼ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ଅବସରରେ କଲେଜ ରୋଡରେ ଏକ ଫାଣ୍ଡି ସ୍ଥାପନ ସହ ଜନସାଧାରଣଙ୍କର ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ନିରନ୍ତର ପୁଲିସ ପାଟ୍ରୋଲିଂ ବ୍ୟବସ୍ଥା କରାଯିବାକୁ ଦାବି କରାଯାଇଛି। ସେହିପରି ପଞ୍ଚାୟତ କଲେଜ ରୋଡ ମୁଖ୍ୟ ରାସ୍ତାରେ ସିସିଟିଭି କ୍ୟାମେରା ଲଗାଯିବା, ଉଜ୍ଜ୍ୱଳ ଆଲୁଅର ବ୍ୟବସ୍ଥା ତଥା ଦ୍ରୁତ ଗତିରେ ଯାଉଥିବା ଯାନବାହାନ ନିୟନ୍ତ୍ରଣ ଆଦି ଉଲ୍ଲେଖ ରହିଛି। ଏ ନେଇ ବୁଧବାର ବରଗଡ଼ କଲେଜ ରୋଡ ୱାର୍ଡ ନମ୍ବର ୧୨, ୧୩, ୧୪, ୧୫, ୩ ତଥା ରୋହଣିଆ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷମାନେ ଏକତ୍ରିତ ହୋଇ ବରଗଡ଼ ଏସ୍‌ପି ଅଫିସରେ ପହଞ୍ଚି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତପନ କୁମାର ମହାନ୍ତିଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ। ବରଗଡ଼ କାଳୀମନ୍ଦିର ଛକଠାରୁ ପଞ୍ଚାୟତ



କଲେଜକୁ ଯାଇଥିବା ରାସ୍ତା ଏକ ବ୍ୟସ୍ତବହୁଳ ରାସ୍ତା ହୋଇଥିବା ବେଳେ ଏହି ରାସ୍ତାରେ ସବୁ ପ୍ରାନ୍ତରୁ ଛାତ୍ର ଛାତ୍ରୀ ପାଠ ପଢ଼ିବାପାଇଁ ଯାଇଥାନ୍ତି। ଅସାମାଜିକ ତତ୍ତ୍ୱଙ୍କ ଯୋଗୁଁ ଜନସାଧାରଣ ବିଶେଷ କରି ଛାତ୍ରଛାତ୍ରୀ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ସେହିପରି ଏହି ଅଞ୍ଚଳର ମଧ୍ୟ ଭାଗରେ ତଥା ଫାଣ୍ଡି ଛକକୁ ଲାଗି ବହୁତ ଦିନ ଆଗରୁ ବରଗଡ଼ ପୌର ପରିଷଦ ଅଧୀନରେ କାମ କରୁଥିବା ମେହେନ୍ତରମାନଙ୍କ ପାଇଁ କିଛି ଅସ୍ଥାୟୀ ବାସଗୃହ ନିର୍ମାଣକରି ସେମାନଙ୍କର ରହିବା ବ୍ୟବସ୍ଥା କରାଯାଇଥିଲା। ତେବେ ଉକ୍ତ ସ୍ଥାନରେ ବହୁ ଘର ବେଆଇନ ଭାବରେ ରାସ୍ତା ଉପରେ ନିର୍ମାଣ କରାଯାଇଥିବା ଯୋଗୁଁ ଯାତାୟାତରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଅନୁରୂପ ଭାବେ କିଛି ଦିନ ତଳେ ଜଣେ ହାଇସ୍କୁଲ ଶିକ୍ଷୟିତ୍ରୀ ସନ୍ଧ୍ୟା ଭ୍ରମଣରୁ ପଞ୍ଚାୟତ କଲେଜରୁ କଲେଜ ରୋଡସ୍ଥିତ ନିଜ ବାସଭବନକୁ ଫେରୁଥିବା ସମୟରେ ପିଣ୍ଡିକ ପାଖରେ କିଛି ଦୁର୍ବୃତ୍ତ ବାଇକରେ ଧକ୍କା ଦେଇ ତାଙ୍କ ବେକରୁ ସୁନା ଚେନ ଟାଣି ନେବାପାଇଁ ଉଦ୍ୟମ କରିଥିଲେ। ଉକ୍ତ ଘଟଣାରେ ହାଇସ୍କୁଲ ଶିକ୍ଷୟିତ୍ରୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ସେହି ଘଟଣାରେ ତାଙ୍କର ଗଭୀର ଆଘାତ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିଲା। ଯାହାକୁ ନେଇ ପୁଲିସ ପ୍ରଶାସନ ପ୍ରତି ଆସ୍ଥା ତୁଟିବାକୁ ଲାଗିଥିବା ନେଇ ଅଞ୍ଚଳବାସୀ କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ୱାର୍ଡ ନମ୍ବର ୧୩ର କାଉନସିଲର କବିତା ବେହେରା, ୱାର୍ଡ ନମ୍ବର ୧୫ ର କାଉନସିଲର ଅକ୍ରୁର ବାରିକ, ଆଇନଜୀବୀ କାଳିଆଚରଣ ଦାଶ, ୱାର୍ଡ ନମ୍ବର ୩ର କାଉନସିଲର ରାଜକୁମାର ଦାଶ, ଅନ୍ନପୂର୍ଣ୍ଣା ପାଣିଗ୍ରାହୀ, ଶିଶିର ଆଚାର୍ଯ୍ୟ, ଗୁରୁଚରଣ ସାହୁ, ବୀରକିଶୋର ପ୍ରଧାନ, ଲବପ୍ରଧାନ, ବୁଲୁ ଭୋଇ, ମଳୟ କୁମାର ମିଶ୍ର, ବନମାଳି ବାରିକ, ସୁବ୍ରତ ପାଣିଗ୍ରାହୀ, ମନୋଜ କୁମାର ଦାଶଙ୍କ ସମେତ ବରଗଡ଼ ଏବଂ ରୋହଣିଆଁର ବହୁ ପୁରୁଷ ଏବଂ ମହିଳା ସାମିଲ ହୋଇଥିଲେ।

ସକାଳ
THE SAKALA
ବାଇସ୍କୋପ୍
www.sakalaepaper.com

ଛାୟାଗୀତି

# କଥାରୁ କଥା ଓ ବର୍ଣ୍ଣନାର କ୍ରମିକତା



ସୂର୍ଯ୍ୟ ଦେଓ

୧୯୬୩ ମସିହାରେ ମୁକ୍ତିପ୍ରାପ୍ତ ଦୁଇଟି ଓଡ଼ିଆ ଚଳଚ୍ଚିତ୍ର 'ନାରୀ' ଓ 'ମାଣିକଯୋଡ଼ି'ରେ ସନ୍ନିବେଶିତ ୧୪ଟି ଗୀତ ମଧ୍ୟରୁ ଅଧିକାଂଶ ରଚନାର ଆଧାର ଥିଲା ଯୁକ୍ତି ସୂତ୍ରରେ ଛନ୍ଦା ହୋଇଥିବା ଓଡ଼ିଆ ଲୋକଭାଷାର ଶବ୍ଦ ରସାୟନ। 'ନାରୀ' ଚଳଚ୍ଚିତ୍ରର ଛଅଟି ଗୀତ କବିଚନ୍ଦ୍ର କାଳୀ ଚରଣ ପଟ୍ଟନାୟକ ରଚନା କରିଥିଲେ ଏବଂ ଓଡ଼ିଆ ସାଂସ୍କୃତିକ ଅବଚେତନର ବିହ୍ୱଳ ଗୁଞ୍ଜରଣ ସହ ଦେଶଜ ଓ ଗମ୍ଭୀର ଶବ୍ଦ ପ୍ରୟୋଗ ସୌନ୍ଦର୍ଯ୍ୟର ଚମକପ୍ରଦ ଉଡ଼ାଣ 'ନାରୀ'ର ସବୁ ଗୀତରେ ଲକ୍ଷ୍ୟଣୀୟ। 'କେକା କାନନେ ନାଚେ/ କକୀ ପୀରତି ମାଗି/ ଲୁଚି ଦାମିନୀ ରଚେ/ ମାୟା ବାଦଲ ଲାଗି/ ଥିଲା ଓଢ଼ଣା ତଳେ/ ଯେ ସପନ କୋଳେ/ ଆଜି ରହେନା ଘରେ/ ରହେ ନା ଘରେ/ ବାରି ଝରେ'ଏହାର ଉଦାହରଣ। 'ମାଣିକଯୋଡ଼ି'ରେ ମଧ୍ୟ ନାରାୟଣ ପ୍ରସାଦ ସିଂହଙ୍କ ରଚନା 'ତନୁପାତଳୀ ତୋ ଗହମ ଚାଲି/ କହିଦିଏ ନିଶା ଘାରିଛି ବୋଲି/ ନରମ ଫୁଲର କଅଁଳ କଳି/ ସତେ କି ଗଲାଣି ସରମେ ମରି/ ଛଳ କରି ପାଶେ ଯାଏରେ/ ପ୍ରୀତି କଥା ଝରା ପୀୟୂଷର ସମ/ ଶୁଣିବାକୁ ଜାଗି ରହେରେ/ ପୀରତି ପୀରତି'ରେ ବର୍ଣ୍ଣନା ଓ କବିତ୍ୱର ଚାତୁରୀ ସହ ବିମ୍ବ ମାଧୁର୍ଯ୍ୟ କାବ୍ୟିକ ଯୁକ୍ତିର ଏକ ଶୃଙ୍ଖଳ ପ୍ରସ୍ତୁତ କରୁଛନ୍ତି। କବିଚନ୍ଦ୍ରଙ୍କ କାବ୍ୟିକ ଯୁକ୍ତିର ଏକ ଶୃଙ୍ଖଳ ଦ୍ୱାରା ସେହି ସମୟର ଅଧିକାଂଶ ଚଳଚ୍ଚିତ୍ର ଗୀତିକାର ପ୍ରଭାବିତ ହୋଇଛନ୍ତି। ନାରାୟଣ ପ୍ରସାଦ ସିଂହଙ୍କ ସହ ପ୍ରମୋଦ ପାଣିଗ୍ରାହୀ ମଧ୍ୟ। ଉଦାହରଣ ସ୍ୱରୂପ: ନାୟିକା କଣ୍ଠରେ: ରାଣ ଦେଇ ପରାଣର ବାଉଳା ତୁ ଯିବୁ ଚାଲି/ ପରଧାଡ଼ିରେ ନାୟକ କହୁଛି: ପଣ କଲି କାନେ ତୋର ଦେବି ଭରା ମନ ଖୋଲି। 'ମାଣିକଯୋଡ଼ି'ରୁ ଚଳଚ୍ଚିତ୍ର ଗୀତ ଲେଖିବା ଆରମ୍ଭ କରିଥିବା ଜୀବନାନନ୍ଦ ପାଣି ମଧ୍ୟ ଏହି ପ୍ରଭାବରୁ ମୁକ୍ତ ହୋଇନାହାନ୍ତି। 'ମାଣିକଯୋଡ଼ି'ରେ ତାଙ୍କର ଦୁଇଟି ଗୀତ ସନ୍ନିହିତ ହୋଇଥିଲା। ପ୍ରଥମଟି ହେଉଛି ପାରମ୍ପରିକ ଛାଞ୍ଚରେ 'କୁଆଁର ପୁନେଇଁ ଜହ୍ନଲୋ ଫୁଲବଉଳ ବେଣୀ/ ଚହଟ ଚାନ୍ଦିନୀ ଚହଟି ଯାଏ ଉଚ୍ଛାଟକରି ଏ'ମନଲୋ /ଫୁଲବଉଳ ବେଣୀ'। କଥାରୁ କଥାକୁ ଯିବା ପାଇଁ ଓ ବର୍ଣ୍ଣନାର କ୍ରମିକତାକୁ ବଜାୟ ରଖିବା ପାଇଁ ଜୀବନାନନ୍ଦ ପାଣି ଏହି ଗୀତରେ ଯେଉଁ ଛାଞ୍ଚକୁ ନେଇଛନ୍ତି, ତାହାର ଆଧାର କବିଚନ୍ଦ୍ରଙ୍କର କିନ୍ତୁ ଉଧାର ଛାଞ୍ଚ ଥିଲେ ବି ଏକ ସତେଜ ପ୍ରକରଣ ଓ ଅପ୍ରତ୍ୟାଶିତ ଧାଡ଼ିର ଯେଉଁ ସଂଯୋଜନା ରହିଛି ତାହା ଗୀତକୁ ସଂଭ୍ରାନ୍ତ କରୁଛି। ଗୀତର ଅନ୍ତରାରେ ଏହି ତର୍କଟି ଆହୁରି ସ୍ପଷ୍ଟ ହୋଇଯିବ। 'ମେଘର ବୋଇତ ବାହିଲୋ/ ଫୁଲବଉଳ ବେଣୀ/ ଜହ୍ନମାମୁ ଯିବେ ପାରିଧିକୁ ଯିବେ/ ଝୁରୁଥିବ ଜହ୍ନମାଇଁଲୋ/ ଫୁଲବଉଳ ବେଣୀ/ ଜହ୍ନ ପଡ଼େ ଦିନ ପରିଲୋ/ ଫୁଲବଉଳ ବେଣୀ/ କୁଆଁର ପୁନେଇଁ ହଉନି କିମ୍ବା/ ସବୁଦିନେ ଏଇପରିଲୋ/ ଫୁଲବଉଳ ବେଣୀ' ଏହି ଅନ୍ତରା ଧାଡ଼ିରେ 'ମେଘର ବୋଇତ' ପରି ନୂଆ ଅର୍ଥ ଓ ନୂଆ ଚେତନା ଅଛି। 'କୁଆଁର ପୁନେଇଁ ହଉନି କିମ୍ବା/ ସବୁଦିନେ ଏଇପରିଲୋ' ଧାଡ଼ିରେ ଗୀତର ଗତି ଓ ପରିଣତିକୁ ଜାଣି ହେଉଛି। ଶବ୍ଦ ସଂଯୋଜନାର ଲଳିତ ଜ୍ୟାମିତି ଜୀବନାନନ୍ଦ ପାଣିଙ୍କ ଥିଲା। ତାଙ୍କ ରଚିତ 'ମାଣିକଯୋଡ଼ି'ର ଆଉ ଏକ ଗୀତ 'ମୋ ମନବୀଣାର ତାରେ/ ହେ ଅବୁଝା ମୂରୁଛନା'ରେ ନୂଆ ଶବ୍ଦ, ଅର୍ଥ ଓ ଚେତନାର ଯେଉଁ ସମନ୍ୱୟ ହୋଇଛି, ସେଥିରେ ଅଦ୍ଭୁତ ଶବ୍ଦ ପ୍ରୟୋଗ ଓ ସଂଯୋଜନାର ଲଳିତ ଜ୍ୟାମିତି ଆଜି ପର୍ଯ୍ୟନ୍ତ ଅନୁକରଣହୀନ ହୋଇ ରହିଛି। 'ତୁମେ ନୀଳ ଆକାଶର ଚନ୍ଦ୍ରମା ମୁଁ ନୀଳକଇଁ/ ନୀଳିମାର ଦିଆନିଆ ଏ ସାରା ଜୀବନ ପାଇଁ/ ଛନ୍ଦ ମୁଁ ସୁର ତୁମେ ଭୁଲି ପାରେନା/ ନା ? ମୋ ମନବୀଣାର ତାରେ/ ହେ ଅବୁଝା ମୂରୁଛନା' ରେ 'ନୀଳିମାର ଦିଆନିଆ' ଏହି ବିମ୍ବାତ୍ମକ ପ୍ରୟୋଗରୁ ଅନୁଭବ କରିହେବ ଜୀବନାନନ୍ଦ ପାଣି ସୃଜନଶୀଳ ପ୍ରତିଭା ବି ଓ ସୌନ୍ଦର୍ଯ୍ୟବିତ ବି। ଜୀବନାନନ୍ଦ ପାଣିଙ୍କ ଏହି ଦୁଇ ଗୀତରୁ ଓଡ଼ିଆ ଚଳଚ୍ଚିତ୍ର ଗୀତ ସମ୍ମାନସ୍ପଦ ଓ ସମ୍ଭ୍ରାନ୍ତର ପରିଭାଷା ପାଇଲା।



ମାଣିକଯୋଡ଼ି ଗୀତ ରେକର୍ଡିଂ ବେଳେ ସିକନ୍ଦର ଆଲାମ୍ ଓ ସିପ୍ରା ବୋଷ

୧୯୬୪ ମସିହାର ପ୍ରଥମ ଚଳଚ୍ଚିତ୍ର 'ଜୀବନ ସାଥୀ'ରେ ଜୀବନାନନ୍ଦ ପାଣିଙ୍କ ଦୁଇଟି ରଚନା ରହିଥିଲା। 'କେତେ ଯେ ଫୁଲ ମୋ ବନେ' ଓ 'ସାଥରେ ଏକା ଲାଗେ ଅତି'। ଉଭୟ ଗୀତ ଶବ୍ଦ ଓ ଅର୍ଥ ପ୍ରଧାନ। 'ଗୀତର ସଙ୍ଗଠନ ଅପେକ୍ଷା ଶବ୍ଦ ଓ ଅର୍ଥ ମୁଖ୍ୟ' ଓଡ଼ିଆ ଚଳଚ୍ଚିତ୍ର ଗୀତରେ ଏହି ଚଳନ ଜୀବନାନନ୍ଦ ପାଣିଙ୍କଠାରୁ ଆରମ୍ଭ ହେଲା। 'ତୁମେ ତ ଆସିନ ବୋଲି/ ପାଖୁଡ଼ା ପାରୁନି ଖୋଲି/ ଏ ଫଗୁଣ ଯିବ ଚାଲି / ସାଥୀରେ! ଏକା ଲାଗେ ଅତି/ ମନେ କେତେ ତାତି'ରେ ପ୍ରହେଳିକା ରଚନା ସୌନ୍ଦର୍ଯ୍ୟ ଯେତିକି ଗୁରୁତ୍ୱପୂର୍ଣ୍ଣ; 'ଫଗୁଣ ଆସିଛି ଓ ଅଳି ବିନା ଫୁଲ ପାଖୁଡ଼ା ଖୋଲିପାରୁନାହିଁ ଏବଂ ମନରେ କେତେ ତାତି ଭରିଛି' ଭଳି ଅଦ୍ଭୁତବୋଧ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ଏଭିଳି ଯେଉଁ କାବ୍ୟବୋଧ ତାହା ଲୌକିକରୁ ଅଲୌକିକକୁ ଯିବାର ମାର୍ଗ ପ୍ରସ୍ତୁତ କରେ। ସେହି ମାର୍ଗ କିନ୍ତୁ ଦେଶୀୟ ନୁହେଁ, ବିଦେଶୀୟ। କେମିତି ଓ କାହିଁକି ସେ ସମ୍ବନ୍ଧରେ ପରବର୍ତ୍ତୀ ଶୃଙ୍ଖଳାରେ ଚର୍ଚ୍ଚା କରିବା। ■

ପରଦା ପଛର କାହାଣୀ

# ନିର୍ଦ୍ଦେଶକଙ୍କ ବଙ୍ଗଳାରେ ସୁଟ୍ ହୋଇଥିଲା ଏହି କମେଡି ଫିଲ୍ମ

ବଲିଉଡ୍‌ର ସଦାବାହାର କମେଡି ଫିଲ୍ମ ଭାବେ ଜଣାଯାଏ 'ଗୋଲମାଲ୍'। ୧୯୭୯ରେ ପରଦାକୁ ଆସିଥିବା ଏହି ଫିଲ୍ମଟି ସେତେବେଳେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଅମୋଲ ପାଲେକର ଓ ଉତ୍ପଳ ଦତ୍ତଙ୍କ ଜବରଦସ୍ତ କମେଡି ଦର୍ଶକଙ୍କ ହୃଦୟ ଜିଣି ନେଇଥିଲା। ଏହି ଫିଲ୍ମର ବ୍ୟବସାୟକୁ ଦେଖି ଏହାକୁ ୫ଟି ଭାଷାରେ ରିମେକ୍ କରାଯାଇଥିଲା। ଫିଲ୍ମର ଗୀତ ଏବଂ ସଂଳାପ ଗୁଲ୍‌ଜାର ଲେଖିଥିଲେ। ଏହି ଫିଲ୍ମର ଗୀତ 'ଆନେୱାଲା ପଲ୍ ଜାନେବାଲା ହୈ' ବେଶ୍ ଲୋକପ୍ରିୟ ହୋଇଥିଲା। ଫିଲ୍ମର ଟାଇଟଲ୍ ଗୀତ 'ଗୋଲମାଲ୍ ହୈ ଭାଇ ସବ୍ ଗୋଲମାଲ୍ ହୈ'କୁ ମଧ୍ୟ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଫିଲ୍ମରେ ବିନ୍ଦିଆ ଗୋସ୍ୱାମୀ, ଦେବେନ ବର୍ମା ଏବଂ ଦୀନା ପାଠକ ମଧ୍ୟ ନଜର ଆସିଥିଲେ। ଏହାର ନିର୍ଦ୍ଦେଶନା ଦେଇଥିଲେ ହୃଷୀକେଶ ମୁଖାର୍ଜୀ। ୪୦ ଦିନ ମଧ୍ୟରେ ପୂରା ଫିଲ୍ମଟିକୁ ସୁଟ୍ କରାଯାଇଥିଲା। ଫିଲ୍ମ ସମ୍ପର୍କରେ ସବୁଠୁ ଖାସ୍ କଥା ହେଉଛି ହୃଷୀକେଶଙ୍କ ବଙ୍ଗଳା ଓ ଏହାର ଆଖପାଖରେ ପୂରା ଫିଲ୍ମର ସୁଟିଂ କରାଯାଇଥିଲା। ଏକଦା ଏକ ସାକ୍ଷାତକାରରେ ଖୋଦ୍ ହୃଷୀକେଶ ଏ ବିଷୟରେ ଖୁଲାସା କରିଥିଲେ। ଫିଲ୍ମର କିଛି ସିନ୍‌କୁ ଛାଡ଼ିଦେଇ ପୂରା ଫିଲ୍ମଟିକୁ ତାଙ୍କ ବଙ୍ଗଳା 'ଅନୁପମା'ରେ ସୁଟିଂ କରାଯାଇଛି ବୋଲି ସେ କହିଥିଲେ। ଫିଲ୍ମ ସମ୍ପର୍କରେ ଆଉ ଏକ ରୋଚକୀୟ କଥା ହେଉଛି ଫିଲ୍ମର କଳାକାରମାନେ ନିଜ ବ୍ୟବହୃତ ପୋଷାକଗୁଡ଼ିକ ପିନ୍ଧିଥିଲେ। ଫିଲ୍ମର ବଜେଟ୍ କୋଟିଏ ଟଙ୍କା ଥିଲା। ଏହା ବକ୍ସ ଅଫିସ୍‌ରେ ସାତ କୋଟି ଆୟ କରିଥିଲା। ଫିଲ୍ମର କଲେକ୍ସନ୍ ଦେଖି କିଛି ଡିଷ୍ଟ୍ରିବ୍ୟୁଟର୍ ହୃଷୀକେଶଙ୍କୁ ସେତେବେଳେ 'ଗୋଲଡ୍ ମ୍ୟାନ୍' ନାମରେ ସମ୍ବୋଧନ କରିବାକୁ ଲାଗିଲେ। ଏହି ଫିଲ୍ମ ପାଇଁ ଉତ୍ପଳଙ୍କୁ ପ୍ରଥମ ଫିଲ୍ମଫେୟାର ପୁରସ୍କାର ଓ ଅମୋଲଙ୍କୁ ଶ୍ରେଷ୍ଠ ଅଭିନେତା ଭାବେ ଫିଲ୍ମଫେୟାର ପୁରସ୍କାର ମିଳିଥିଲା। ■





# 'ନୋ ଏଣ୍ଟ୍ରି ସିକ୍ୱେଲ'ରେ ଅର୍ଜୁନଙ୍କ ଏଣ୍ଟ୍ରି



୨୦୦୫ ମସିହାର ବଲିଉଡ୍‌ର ଲୋକପ୍ରିୟ ଫିଲ୍ମ 'ନୋ ଏଣ୍ଟ୍ରି'ର ସିକ୍ୱେଲକୁ ଦର୍ଶକେ ଆଗ୍ରହର ସହ ଅପେକ୍ଷା କରି ବସିଛନ୍ତି। ତେବେ ଏବେ ଫିଲ୍ମ ନିର୍ମାତା ବୋନି କପୁର ଏହାର କାଷ୍ଟିଂକୁ ନେଇ ଖୁଲାସା କରିଛନ୍ତି। ଏହି ଫିଲ୍ମର ସିକ୍ୱେଲରେ ଅର୍ଜୁନ କପୁରଙ୍କ ଏଣ୍ଟ୍ରି ହୋଇଛି। ତା'ସହ ବରୁଣ ଧାୱନ ଏବଂ ଦିଲଜିତ୍ ଦୋସାଞ୍ଜଙ୍କୁ ଦେଖିବାକୁ ମିଳିବ। ତେବେ ଅନ୍ୟ କେଉଁ କଳାକାର ଏଥିରେ ସାମିଲ ହେବେ, ସେନେଇ କିଛି ତଥ୍ୟ ସାମ୍ନାକୁ ଆସି ନାହିଁ। ଫିଲ୍ମରେ ଅର୍ଜୁନ, ବରୁଣ ଏବଂ ଦିଲଜିତ୍‌ଙ୍କୁ ନେବା ପଛର କାରଣ ବୋନି କହିଛନ୍ତି। ସେ କହିଛନ୍ତି, ବରୁଣ ଓ ଅର୍ଜୁନ ଦୁହେଁ ଭଲ ବନ୍ଧୁ। ସେମାନଙ୍କ କେମେଷ୍ଟ୍ରିକୁ ଦର୍ଶକେ ବେଶ୍ ପସନ୍ଦ କରିବେ। ସେହିପରି ଦିଲଜିତ୍‌ଙ୍କର ମଧ୍ୟ ପ୍ରଶଂସକଙ୍କ ସଂଖ୍ୟା ଖୁବ୍ ବେଶି। ପୁଣି ଏହି ସିନେମାରେ ଅନେକ ସୁନ୍ଦରୀ ଅଭିନେତ୍ରୀଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଫିଲ୍ମର ସୁଟିଂ ଡିସେମ୍ବରରୁ ଆରମ୍ଭ ହେବ ଏବଂ ଏହାକୁ ୨୦୨୫ରେ ରିଲିଜ୍ କରାଯିବ। ସେହିପରି ୨୦୨୫ରେ ଫିଲ୍ମଟି ୨୦ ବର୍ଷ ପୂରଣ କରିବ। ଅନ୍ୟପଟେ 'ନୋ ଏଣ୍ଟ୍ରି'ରେ ସଲମାନ ଖାନ୍, ଅନିଲ କପୁର, ଫରଦିନ୍ ଖାନ୍, ଈଶା ଦେଓଲ, ଲାରା ଦତ୍ତା, ବିପାଶା ବସୁ, ଶେଲିନା ଜେଟ୍‌ଲି ନଜର ଆସିଥିଲେ। ■

# ତାରକାଙ୍କ ବୀମା

ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ସେଲିବ୍ରିଟିଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ। ଏ ଦୃଷ୍ଟିରୁ ଅନେକ ସ୍ୱାସ୍ଥ୍ୟ ବୀମା ବା ଇନ୍‌ସ୍ୟୁରାନ୍ସ କରୁଛନ୍ତି। ତେବେ ରୋଗ ପାଇଁ ନୁହେଁ, ବରଂ ଶରୀରର କିଛି ସ୍ୱତନ୍ତ୍ର ଭାଗର ବି ବୀମା କରାଯାଉଛି। ସେହିଭଳି କେତେଜଣ ବୀମାଧାରୀ ସେଲିବ୍ରିଟିଙ୍କ ସମ୍ପର୍କରେ ଜାଣିବା।

**ପ୍ରିୟଙ୍କା:** କେବଳ ବଲିଉଡ୍ ନୁହେଁ, ହଲିଉଡ୍‌ର ମଧ୍ୟ ପରିଚିତ ନାଁ ପ୍ରିୟଙ୍କା। ସୁନ୍ଦର ହସ ପାଇଁ ସେ ସର୍ଜରୀ କରିଥିବା ସମସ୍ତେ ଜାଣିଛନ୍ତି। ଏହି କାରଣ ଯୋଗୁଁ ସେ ନିଜ ହସର ବୀମା କରିବା ସହ ଏହାର କପିରାଇଟ୍ ମଧ୍ୟ ନେଇଛନ୍ତି। କାରଣ କେହି ଯେମିତି ସର୍ଜରି କରି ତାଙ୍କ ପରି ହସ ନ ପାଇବେ।

**ନେହା:** ବୋଲ୍ଡ ଲୁକ୍ ପାଇଁ ସର୍ବଦା ଚର୍ଚ୍ଚାରେ ଥାନ୍ତି ଅଭିନେତ୍ରୀ ନେହା ଧୂପିଆ। ସେ ତାଙ୍କ ନିତମ୍ବର ବୀମା କରାଇଛନ୍ତି। ସେହିପରି ମଲ୍ଲିକା ଶେରାୱତ ୫୦ କୋଟି ଟଙ୍କାରେ ନିଜ ପୂରା ଶରୀରର ବୀମା କରାଇ ଚର୍ଚ୍ଚାରେ ଅଛନ୍ତି। ■





# ଚର୍ଚ୍ଚାରେ 'ଦ ଗ୍ରେଟ୍ ଇଣ୍ଡିଆନ୍ କପିଲ୍ ଶୋ'

କପିଲ ଶର୍ମାଙ୍କ ନୂଆ ଶୋ' 'ଦ ଗ୍ରେଟ୍ ଇଣ୍ଡିଆନ୍ କପିଲ୍ ଶୋ'ରେ ଦର୍ଶକେ ତାଙ୍କର ନୂଆ ଅନ୍ଦାଜକୁ ଖୁବ୍ ପସନ୍ଦ କରୁଛନ୍ତି। ଶୋ'ର ପ୍ରଥମ ଅଧ୍ୟାୟର ସଫଳତା ପରେ କପିଲ ତାଙ୍କ ସାମାଜିକ ଗଣମାଧ୍ୟମରେ ଆଗାମୀ ଅଧ୍ୟାୟର ଝଲକ୍ ସାମ୍ନାକୁ ଆଣିଛନ୍ତି। ତା'ସହ ଏହାର ଶୀର୍ଷକରେ ଲେଖିଛନ୍ତି, 'ଅନୁମାନ କରନ୍ତୁ ଆଗାମୀ ଅଧ୍ୟାୟରେ କେଉଁ ସେଲିବ୍ରିଟି ଅତିଥି ହୋଇ ଆସୁଛନ୍ତି?' ଶୋ'ର ଏହି ପ୍ରମୋ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଏଥିରୁ ଦେଖିବାକୁ ମିଳୁଛି, କପିଲ ନବଜୋତ ସିଂହ ସିଦ୍ଧୁ ବେଶଭୂଷାରେ ନଜର ଆସିଛନ୍ତି। ଅବଶ୍ୟ ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି, ଆଗାମୀ ଅଧ୍ୟାୟରେ ନବଜୋତ ହୋଇ କପିଲ ଦର୍ଶକଙ୍କୁ ହସାଇବା ସହ କିକୁ ଶାରଦା କ୍ରିକେଟର୍ ଭୂମିକାରେ ନଜର ଆସିବେ। ଅନ୍ୟପଟେ ଏହା ପୂର୍ବରୁ ନବଜୋତ ସିଂହ କପିଲ ଶର୍ମା ଶୋ'ରେ ବିଚାରପତି ଭାବେ ନଜର ଆସିଥିଲେ। ଏଥିରେ କପିଲଙ୍କ ଓ ନବଜୋତଙ୍କ ଯୋଡ଼ିକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ■



# ହଟ୍ ଲୁକ୍ ପାଇଁ ଲୋକପ୍ରିୟ ଅଭିନେତ୍ରୀ ଅବନୀତ

ବଲିଉଡ୍‌ରେ ବହୁତ କମ୍ ନବାଗତା ଅଭିନେତ୍ରୀ ଅଛନ୍ତି, ଯେଉଁମାନଙ୍କ ଲୋକପ୍ରିୟତା ଖୁବ୍ ଅଧିକ। ବଲିଉଡ୍ ଏମିତି ଜଣେ ଚୁଲବୁଲି ସୁନ୍ଦରୀ ଅଭିନେତ୍ରୀ ହେଉଛନ୍ତି ଅବନୀତ କୌର। ଦିନଥିଲା ଟେଲିଭିଜନ ଦୁନିଆରେ ସବୁଠୁ ବେଶୀ ପାରିଶ୍ରମିକ ନେଉଥିଲେ ଏହି ହଟ୍ ଆଣ୍ଡ ବୋଲ୍ଡ ଅଭିନେତ୍ରୀ। ୮ ବର୍ଷ ବୟସରେ ଏହି ଅଭିନେତ୍ରୀ ଜଣକ ନିଜ କ୍ୟାରିଅର୍‌ର ଆରମ୍ଭ କରିସାରିଥିଲେ। ୨୦୧୦ ମସିହାରେ ଲିଟିଲ୍ ମାଷ୍ଟର୍ସ ଶୋ' ତାଙ୍କୁ ଲୋକପ୍ରିୟ କରିଥିଲା। ପରେ ୨୦୧୨ ମସିହାରେ ଟେଲିଭିଜନ୍‌ରେ ପ୍ରସାରିତ ହେଉଥିବା 'ମେରି ମା' ଧାରାବାହିକରେ ଅବନୀତ ପ୍ରଥମଥର ପାଇଁ ଅଭିନୟ କରିଥିଲେ। ଯାହା ତାଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇ ଦେଇଥିଲା। ପରବର୍ତ୍ତୀ ସମୟରେ 'ଚନ୍ଦ୍ରଚାନ୍ଦିନୀ', 'ହମାରି ସିଷ୍ଟର୍ ଦି' ତଥା 'ଆଲ୍ଲାଦିନ ନାମ ତୋ ସୁନା ହୋଗା' ପରି ଶୋ'ରେ ନଜର ଆସନ୍ତି। ଟିଭିରେ ନିଜର ଭାଗ୍ୟକୁ ପରୀକ୍ଷା କରି ଈର୍ଷଣୀୟ ସଫଳତା ପାଇବା ପରେ ସେ ବଲିଉଡ୍‌କୁ ଡେବ୍ୟୁ କରନ୍ତି। ରାନୀ ମୁଖାର୍ଜୀଙ୍କ ସହ 'ମର୍ଦ୍ଦାନୀ' ସିନେମାରେ ତାଙ୍କୁ ଦେଖିବାକୁ ମିଳିଥିଲା। ନିଜର ଅଭିନୟ ଓ ସୁନ୍ଦରତା ପାଇଁ ଦର୍ଶକ ବି ତାଙ୍କ ଦିୱାନା ହୋଇଯାଆନ୍ତି। ତେବେ ୨୦୨୩ ମସିହାରେ ଅବନୀତ ମୁଖ୍ୟ ନାୟିକା ଭାବରେ କଙ୍ଗନା ରନାୱତ୍‌ଙ୍କ ପ୍ରଡକ୍ସନ୍ ହାଉସ୍‌ରେ ତିଆରି ହୋଇଥିବା ସିନେମା 'ଟିକୁ ୱେଡସ୍ ଶେରୁ'ରେ ଅଭିନୟ କରିଛନ୍ତି। ଏହି ସିନେମାରେ ନିଜଠୁ ଦୁଇଗୁଣା ବଡ଼ ବୟସର ଅଭିନେତାଙ୍କୁ କିସ୍ ଓ ରୋମାନ୍ସ କରି ସେ ବେଶ୍ ଚର୍ଚ୍ଚା ସାଉଁଟିଥିଲେ। ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଇନ୍‌ଷ୍ଟାଗ୍ରାମ୍‌ରେ ଅବନୀତଙ୍କ ୩୨.୩ ମିଲିୟନ ଫଲୋର୍ସ ଅଛନ୍ତି। ଲୋକପ୍ରିୟତାରେ ସେ ଦିଗଗଜ ଅଭିନେତ୍ରୀମାନଙ୍କୁ ମଧ୍ୟ ପଛରେ ପକାଇ ଦିଅନ୍ତି। ଅବନୀତଙ୍କ ପ୍ରଶଂସକଙ୍କ ସଂଖ୍ୟା ଅଭିନେତ୍ରୀ ଅନନ୍ୟା ପାଣ୍ଡେ ତଥା ଷ୍ଟାର୍ କିଡ୍‌ସ ଜାହ୍ନବୀ କପୁରଙ୍କଠୁ ବି ଅଧିକ। ଇନ୍‌ଷ୍ଟାଗ୍ରାମରେ ଅନନ୍ୟା ପାଣ୍ଡେଙ୍କ ମୋଟ ପ୍ରଶଂସକ ସଂଖ୍ୟା ୨୪.୬ ମିଲିୟନ ଥିବାବେଳେ ଜାହ୍ନବୀଙ୍କ ରହିଛନ୍ତି ୨୪.୧ ମିଲିୟନ୍ ଫଲୋଅର୍ସ। ସେହିଭଳି ଅଭିନେତ୍ରୀ କରିନା କପୁରଙ୍କ ୧୨.୯ ମିଲିୟନ, କାଜଲଙ୍କ ୧୬ ମିଲିୟନ, କଙ୍ଗନା ରନାୱତଙ୍କ ୯.୭ ମିଲିୟନ ପ୍ରଶଂସକ ଅଛନ୍ତି। ଯାହାଠୁ ଢେର ଆଗରେ ଅଛନ୍ତି ଅବନୀତ। ■

# ଅପପ୍ରଚାର ବନ୍ଦ କର
# ସମ୍ବଲପୁରରେ ଝାଡ଼ାବାନ୍ତି ବ୍ୟାପିନାହିଁ: ପ୍ରଶାସନ

**ସମ୍ବଲପୁର, ୩।୪(ସମିସ)**

ସମ୍ବଲପୁର ସହରରେ ଝାଡ଼ାବାନ୍ତି ବ୍ୟାପିବା ଘଟଣାକୁ ନେଇ ଅପ୍ରଚାର କରାଯାଉଛି, ଅଧିକ ଗୁଜବ ସୃଷ୍ଟି କରାଯାଉଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗର ଟିମ ସୂଚନା ଦେଇଛନ୍ତି। ସେମାନେ କହିଛନ୍ତି, ସମ୍ବଲପୁର ସହର ଅଞ୍ଚଳରେ ଝାଡ଼ାବାନ୍ତିରେ କେତେଜଣ ଲୋକ ଆକ୍ରାନ୍ତ ହେବାପରେ ଏହାକୁ ମାତୃବିହାର ଓ ଦାନିପାଲି ହୀରାକୁଦରେ ବ୍ୟାପିଥିବା ରୋଗ ସହ ତୁଳନା କରିବା ଆରମ୍ଭ କରିଥିଲେ। ହେଲେ ଏହି ମାମଲାଗୁଡିକ ଝାଡ଼ାବାନ୍ତି ରୋଗର କ୍ଲିନିକାଲ ସଜ୍ଞା ପୂରଣ କରୁନାହିଁ। ସମ୍ବଲପୁରର ଘଟଣା ଦୂଷିତ ଖାଦ୍ୟ, ଗରମ ଜଳବାୟୁ ଯୋଗୁଁ ହୋଇଛି। ଘର ଘର ବୁଲି ସଚେତନ କରୁଛନ୍ତି। ଏହାସହ ବିଭିନ୍ନ ବିଭାଗ ମଧ୍ୟ ସମ୍ପୃକ୍ତ ଅଞ୍ଚଳରେ ନିଜ ଟିମ୍ ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି। ହୀରାକୁଦରେ ରୋଗ ବ୍ୟାପିଥିଲା। ଏଥିରେ ଏପର୍ଯ୍ୟନ୍ତ



ସମୁଦାୟ ଆକ୍ରାନ୍ତଙ୍କ ସଂଖ୍ୟା ୨୮୮ରେ ପହଞ୍ଚିଛି। ଏବେ ପରିସ୍ଥିତି ନିୟନ୍ତ୍ରଣରେ ରହିଛି। ଏଥିପାଇଁ କୌଣସି ଗୁଜବକୁ ନେଇ ଅଯଥାରେ ଅପପ୍ରଚାର କରନ୍ତୁ ନାହିଁ। ସମ୍ବଲପୁର ସହରରୁ ବିଭିନ୍ନ ସ୍ଥାନରୁ ଅଭିଯୋଗ ଆସିବା ପରେ ଆଜି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଘରକୁ ଘର ତଦାରଖ କରାଯାଇଥିଲା। ଜିଲ୍ଲା ଜନସ୍ୱାସ୍ଥ୍ୟ ପରୀକ୍ଷାଗାରରେ ଜଳ ନମୁନା ଓ ମଳ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଥିଲା। ପ୍ରଭାବିତ ଅଞ୍ଚଳରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଟିମ୍ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି। ଜଳ, ପରିମଳ ସହ ସୁରକ୍ଷିତ ପାନୀୟ ଏବଂ ସ୍ୱଚ୍ଛତା ଉପରେ ପଦକ୍ଷେପ ଗ୍ରହଣ କରାଯାଉଛି। ଭୟଭୀତ ନ ହୋଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ସୂଚନା ଦେବାକୁ ଖବରଦାତା ସମ୍ମିଳନୀରେ ଅନୁରୋଧ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଜାତାରାଣୀ ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ କୁମାର ଦାସ, ସମ୍ବଲପୁର ମହାନଗର ନିଗମର ସ୍ୱାସ୍ଥ୍ୟ ଅଧିକାରୀ ଡା. ମହେନ୍ଦ୍ର ନନ୍ଦ, ସମ୍ବଲପୁର ଜାତୀୟ ସ୍ୱାସ୍ଥ୍ୟ ମିଶନର (ଏନ୍‌ଏଚ୍‌ଏମ୍)ର ଜିଲ୍ଲା କାର୍ଯ୍ୟକ୍ରମ ପ୍ରବନ୍ଧକ ଡା. ମୌସୁମୀ ମିଶ୍ର, ସମ୍ବଲପୁରର ଏପିଡେମିଓଲୋଜିଷ୍ଟ ଡା. ଜ୍ଞାନରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ବର୍ଷୀୟ ଇସାନଙ୍କୁ ଆନ୍ତର୍ଜାତିକ ଲେଖକ ପୁରସ୍କାର

**ସମ୍ବଲପୁର, ୩।୪(ସମିସ):** ସମ୍ବଲପୁର ସହରର ଇସାନ ପ୍ରଜ୍ଞା ସାମନ୍ତରାୟ ଆନ୍ତର୍ଜାତିକ ସ୍ତରରେ ୫ଲକ୍ଷ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିଜ ବହିପାଇଁ 'ଦ ଗୋଲ୍ଡେନ ପେନ ଜୁରି ଆୱାର୍ଡ' ହାସଲ କରିଛନ୍ତି। ପ୍ରଜ୍ଞା ଓ ଦେବୀଦତ୍ତଙ୍କ ପୁତ୍ର ତଥା ପ୍ରଫେସର ଶଙ୍କର ପତିଙ୍କ ନାତି ଇସାନଙ୍କ 'ଦ ଥ୍ରି ଲେସନ' ପୁସ୍ତକ ପାଇଁ ଏହି ପୁରସ୍କାରରେ ମନୋନୀତ ହୋଇଛନ୍ତି। ସୂଚନାଯୋଗ୍ୟ, ଆନ୍ତର୍ଜାତିକ ସଂଗଠନ 'ବ୍ରିବୁକ୍ସ' ପ୍ରତିବର୍ଷ ପୁସ୍ତକ ଲେଖିବା ଏବଂ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ଗ୍ଲୋବାଲ୍ ପ୍ରତିଯୋଗିତା ଭାବରେ ପ୍ୟାନେଲ୍ ଆଲୋଚନା କରିଥାଏ। ଚଳିତବର୍ଷ ବ୍ରିବୁକ୍ସ ସଂସ୍ଥା ମାର୍ଚ୍ଚ ୩୧ରେ ଏହି ପ୍ରିତିଯୋଗତି ଶେଷ କରିଛି। କାର୍ଯ୍ୟକ୍ରମରେ ୨୬ଟି ଦେଶର ୨୦ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାଳୟର ୫ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସୃଜନଶୀଳତା, ଶବ୍ଦକୋଷ, ବିଷୟବସ୍ତୁ ଇତ୍ୟାଦି ଏକାଧିକ କାରଣ ଉପରେ ଆଧାର କରି ଏହି ପ୍ରତିଭାବାନ ଲେଖକମାନଙ୍କ ମଧ୍ୟରେ ଶ୍ରେଷ୍ଠ ୧୦ଟି ଛୁଆଙ୍କୁ ନେଇ ଲେଖକ ଏବଂ ପେନାଲିଷ୍ଟ ଭାବେ ଗୋଲ୍ଡେନ୍ ପେନ୍ ଜୁରି ଆୱାର୍ଡ ପ୍ରଦାନ କରାଯାଏ। ଏହି ଅବସରରେ ସମ୍ବଲପୁର ଟାଉନର ଇସାନ ପୁରସ୍କୃତ ହୋଇଛି। ଗୁରୁଗ୍ରାମରେ ପ୍ରତିଯୋଗିତା ଏବଂ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା ପୁରସ୍କାର ବିତରଣୀ ଉତ୍ସବରେ ନାଓର ଗିଲନ୍ (ଭାରତରେ ଇସ୍ରାଏଲର ରାଷ୍ଟ୍ରଦୂତ) ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ବ୍ରିବୁକ୍ସର ସିଇଓ ଆମି ଡୋର ଏବଂ ଭାବିନ ଶାହା (ଶିକ୍ଷା ଜଗତର ସିଇଓ) ମଧ୍ୟ ମଞ୍ଚାସିନ ଥିଲେ। ଇସାନ ପ୍ୟାନେଲ ଆଲୋଚନାରେ ମଧ୍ୟ ଏହି ପୁରସ୍କାର ପାଇଛନ୍ତି।




## ବଂଶୀଧର ପାଇବେ ସେବାରତ୍ନ ସମ୍ମାନ

**ସମ୍ବଲପୁର, ୩।୪(ସମିସ):** ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ ଶାସନ ଅଞ୍ଚଳର ବିଶିଷ୍ଟ ସମାଜସେବୀ ତଥା ପରିବେଶପ୍ରେମୀ ବଂଶୀଧର କର ସେବାରତ୍ନ ସମ୍ମାନରେ ପୁରସ୍କୃତ ହେବେ। ଏପ୍ରିଲ ୧୪ତାରିଖ କଟକଠାରେ ହେବାକୁ ଥିବା ଅଭୀପ୍‌ସାର ୨୭ତମ ବାର୍ଷିକ ଉତ୍ସବରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନରେ ସମ୍ମାନିତ ହେବେ। ଏ ନେଇ ଅଭୀପ୍‌ସାର ସାଧାରଣ ସଂପାଦକ ସଂଗ୍ରାମୀ କେଶରୀ ନାୟକ ସୂଚନା ଦେଇଛନ୍ତି।

## ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭାଇରାଲ

**ସମ୍ବଲପୁର, ୩।୪(ସମିସ):** ଆଇଁଠାପାଲି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭାଇରାଲ ହୋଇଥିବା ଅଭିଯୋଗ ହୋଇଛି। ଟାଉନ ଥାନା ଅଞ୍ଚଳର ଜଣେ ସମ୍ପର୍କୀୟ ନାବାଳକ ନାବାଳିକାଙ୍କ ଫଟୋ ଅନ୍‌ଲାଇନ୍ ପ୍ଲାଟଫର୍ମରେ ଭାଇରାଲ କରିଛି। ଏ ନେଇ ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଡାକ୍ତର କଲୋନୀରୁ ବାଇକ୍ ଚୋରି

**ବୁର୍ଲା, ୩।୪(ସମିସ):** ବୁର୍ଲା ସହରରେ ଥିବା ଡାକ୍ତର କଲୋନୀରୁ ଡାକ୍ତରଙ୍କ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଡାକ୍ତର ସନ୍ତୋଷ କୁମାର ଦୋରା ବୁର୍ଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ଡାକ୍ତର ଦୋରା ବୁର୍ଲା ଡାକ୍ତର କଲୋନୀସ୍ଥିତ ତାଙ୍କ ଘର ସମ୍ମୁଖରେ ଓଡି ୧୭କେ ୫୫୦୯ ନମ୍ବର ବିଶିଷ୍ଟ ବାଇକକୁ ରଖିଥିଲେ। ତେବେ କିଛି ସମୟ ପରେ ସେଠାରୁ ବାଇକ୍‌ଟି ଚୋରି ହୋଇଯାଇଥିଲା। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## ବସ୍‌ରୁ ସାମଗ୍ରୀ ଚୋରି ଅଭିଯୋଗ

**ସମ୍ବଲପୁର, ୩।୪(ସମିସ):** ବସ୍‌ରେ ପଠାଇଥିବା ଜିନିଷ ଚୋରି ହୋଇଥିବା ନେଇ ପ୍ରଧାନପାଲିର ଉପେନ୍ଦ୍ର ବାଗ ଅଇଁଠାପାଲି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଅଇଁଠାପାଲି ବସଷ୍ଟାଣ୍ଡରୁ ଏକ ବସ୍ ଯୋଗେ ୨ଟି ପ୍ରିଣ୍ଟର ଓ ୬ଟି କେଟ୍ରିଜ୍ ପଠାଇଥିଲେ। ଯାହାର ଆନୁମାନିକ ମୂଲ୍ୟ ୩୮ ହଜାର ୧୯୩ଟଙ୍କା ହେବ। ସେ ପଠାଇଥିବା ସ୍ଥାନକୁ ଜିନିଷଗୁଡ଼ିକ ପହଞ୍ଚି ନଥିବା ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ଦୁଇ ଚୋର ଗିରଫ, ସାମଗ୍ରୀ ଜବତ

**ହୀରାକୁଦ, ୩।୪(ସମିସ):** ଏଚ୍‌ଆଇଡବ୍ଲ୍ୟୁ ପାଖରେ ରହୁଥିବା ସହଜନ ସେଖଙ୍କ ଘରୁ ଗତକାଲି କଟର ମେସିନ, ଡ୍ରିଲ ମେସିନ, ମୋବାଇଲ ଓ ୧୩ ହଜାର ଟଙ୍କା ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ପୁଲିସ ଏ ନେଇ ମାମଲା ରୁଜୁ କରି ଟାଙ୍ଗୀପଡ଼ାର ଦୀପକ ମାଝୀ ଓ ବିକ୍ରମ ବଡେକ୍ ନାମକଙ୍କୁ ଗିରଫ କରିଛି। ତାଙ୍କ ଠାରୁ ସମସ୍ତ ଚୋରି ସାମଗ୍ରୀ ଜବତ କରିଛି। ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# 'ଉତ୍କଣ୍ଠା' ପକ୍ଷରୁ ଏସ୍‌ଏମ୍‌ସି କମିଶନରଙ୍କୁ ଦାବିପତ୍ର

**ସମ୍ବଲପୁର, ୩।୪(ସମିସ):** ସମ୍ବଲପୁର ସହରରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ନେଇ 'ଉତ୍କଣ୍ଠା' ସଂଘ ପକ୍ଷରୁ ଏସ୍‌ଏମ୍‌ସି କମିଶନର ବେଦଭୂଷଣଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ଅଳିଆଆବର୍ଜନା ପଡ଼ିରହିଛି। ଡ୍ରେନ୍ ଗୁଡ଼ିକ ସଫାସୁତୁରା ନଥିବାରୁ ଅପରିଷ୍କାର ପାଣି ରାସ୍ତା ଉପରକୁ ଆସୁଛି। ରାସ୍ତା ଉପରେ ଅନେକ ଗାଈଷଣ୍ଢ ବୁଲୁଥିବାରୁ ନାହିଁ ନଥିବା ଦୁର୍ଘଟଣା ଘଟୁଛି। ରାସ୍ତା କଡ଼ରେ ଆମିଷ ଦୋକାନ ରହିଛି। ଯାହା ସୁପ୍ରିମ କୋର୍ଟଙ୍କ ନିୟମକୁ ଅବମାନନା କରୁଛି। କୁକୁର ସଂଖ୍ୟା ବଢ଼ିଯାଇ ସହର ଲୋକଙ୍କୁ କାମୁଡ଼ିବା ପାଇଁ ଗୋଡ଼ାଉଛନ୍ତି। ରାସ୍ତାକଡ଼ ଦୋକାନୀ ଗୁଡ଼ିକ ସଫାସୁତୁରା ନ ରଖିବା ସହ ଖାଇବର ଗୁଣବତ୍ତା ମଧ୍ୟ ପରୀକ୍ଷା ହେଉନାହିଁ। ଏମିତି ଅନେକ ସମସ୍ୟାକୁ ଶୀଘ୍ର ସମାଧାନ କରିବା ନେଇ ସଂସ୍ଥା ପକ୍ଷରୁ ଏସ୍‌ଏମ୍‌ସି କମିଶନରଙ୍କ ଠାରେ ଦାବି କରାଯାଇଛି।



# ଚୁକ୍ତିଭିତ୍ତିକ ଡାକ୍ତରଙ୍କ ଭୋଟ୍ ଅଧିକାର ଦାବି

**ସମ୍ବଲପୁର, ୩।୪(ସମିସ):** ଭିମ୍‌ସାର ମେଡ଼ିକାଲ କଲେଜରେ କାର୍ଯ୍ୟନିର୍ବାହୀ ବୋର୍ଡ଼(ଇବି) ଗଠନ ପାଇଁ ପ୍ରକ୍ରିୟା ଆରମ୍ଭ ହେବ। ଏହି ବୋର୍ଡ଼ ପାଇଁ ଦୁଇଜଣ ବରିଷ୍ଠ ପ୍ରଫେସରଙ୍କୁ ଚୟନ କରିବା ଲାଗି ଭିମ୍‌ସାରର ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଫେସର ଭାବଗ୍ରାହୀ ରଥ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଉକ୍ତ ଦୁଇ ବରିଷ୍ଠ ପ୍ରଫେସରଙ୍କୁ ଭୋଟ ଦେଇ ନିର୍ବାଚିତ କରିବା ପାଇଁ ଭିମ୍‌ସାର କ୍ୟାଡ଼ରର ଡାକ୍ତରଙ୍କୁ ସୁଯୋଗ ଦିଆଯାଇଛି। ଫଳରେ ଏହାକୁ ନେଇ ଚୁକ୍ତିଭିତ୍ତିକ ଡାକ୍ତରଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ଭିମ୍‌ସାରର ସିଟ୍ ବୃଦ୍ଧି ପାଇଁ ଏନ୍‌ଏମ୍‌ସି (ନ୍ୟାସନାଲ ମେଡ଼ିକାଲ କାଉନସିଲ୍) ପରିଦର୍ଶନ କରିଥାଏ। ପରିଦର୍ଶନ ସମୟରେ ବିଭିନ୍ନ ବିଭାଗରେ ସ୍ଥାୟୀ ଡାକ୍ତରଙ୍କ ସହିତ ଚୁକ୍ତିଭିତ୍ତିକ ଡାକ୍ତରଙ୍କୁ ମଧ୍ୟ ଗଣନା କରାଯାଇଥାଏ। ଫଳରେ ଏମ୍‌ବିବିଏସ୍ ଏବଂ ଏମଡ଼ି ବା ପିଜି ସିଟ୍‌ର ମାନ୍ୟତା ପାଇଥାଏ। ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ମଧ୍ୟ ଚୁକ୍ତିଭିତ୍ତିକ ଡାକ୍ତରଙ୍କ ଅବଦାନ ରହିଥାଏ। ନେଫ୍ରୋଲୋଜି, ସ୍ନାୟୁବିଜ୍ଞାନ, ପ୍ଲାଷ୍ଟିକ ସର୍ଜରୀ ଏବଂ ଶିଶୁବିଭାଗରେ କେବଳ ଚୁକ୍ତିଭିତ୍ତିକ ଅଧ୍ୟାପକମାନଙ୍କ ଦ୍ୱାରା ପରିଚାଳିତ। ହେଲେ ଏପରି ପରିସ୍ଥିତରେ ଚୁକ୍ତିଭିତ୍ତିକ ଡାକ୍ତରଙ୍କୁ କାର୍ଯ୍ୟନିର୍ବାହୀ ବୋର୍ଡ଼ ସଦସ୍ୟଙ୍କ ଚୟନ ବେଳେ ଭୋଟ ଦେବା ଅଧିକାର ଦିଆ ନ ଯିବା କେତେ ଯୁକ୍ତିସମ୍ମତ ବୋଲି ପ୍ରଶ୍ନ କରାଯାଇଛି। ନିର୍ଦ୍ଦେଶକ ପ୍ରଫେସର ରଥଙ୍କ ଏହି ନିର୍ଦ୍ଦେଶନାମା ଚୁକ୍ତିଭିତ୍ତିକ ଡାକ୍ତରଙ୍କ ମଧ୍ୟରେ ଭେଦଭାବ ସୃଷ୍ଟି କରୁଛି ବୋଲି ଚୁକ୍ତିଭିତ୍ତିକ ଡାକ୍ତରମାନେ ଅଭିଯୋଗ କରିଛନ୍ତି। ଏହି ଭୋଟିଂ ପ୍ରକ୍ରିୟାରେ ଭିମ୍‌ସାରର ଚୁକ୍ତିଭିତ୍ତିକ ଡାକ୍ତରଙ୍କୁ ମଧ୍ୟ ଭୋଟ ଦେବା ପାଇଁ ଅଧିକାର ଦିଆଯାଉ ବୋଲି ଦାବି କରାଯାଇଛି।

# ମାଟି ପାତ୍ରର ଚାହିଦା ବଢୁଛି



**ସମ୍ବଲପୁର, ୩।୪ (ସମିସ) :** ଗ୍ରୀଷ୍ମର ପ୍ରକୋପ ବୃଦ୍ଧି ପାଇବା ସାଙ୍ଗକୁ ଥଣ୍ଡା ପାନୀୟର ଚାହିଦା ମଧ୍ୟ ବଢ଼ିବାରେ ଲାଗିଛି। ପ୍ରଚଣ୍ଡ ତାତି ବେଳେ ଥଣ୍ଡା ପାଣି ଟିକେ ପିଇବାକୁ ସମସ୍ତଙ୍କ ଇଚ୍ଛା ହୋଇଥାଏ। ଏଥିପାଇଁ ଫ୍ରିଜ ପାଣି ଓ ବଜାରରେ ମିଳୁଥିବା ମୃଦୁ ପାନୀୟ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ସତର୍କ କରୁଥିବାରୁ ମାଠିଆ ପାଣିର ସର୍ବତ୍ର ଆଦର ବଢ଼ିଥାଏ। ତେଣୁ ପ୍ରାକୃତିକ ଉପାୟରେ ପ୍ରସ୍ତୁତ ଥଣ୍ଡା ପାଣି ବ୍ୟବହାର କରିବାକୁ ଆଗ୍ରହ ବୃଦ୍ଧି ହେବା ସ୍ୱାଭାବିକ ଅଟେ। ସମ୍ବଲପୁର ସହରରେ ଇତିମଧ୍ୟରେ ମାଟିପାତ୍ରର ବଜାର ଜମିବାରେ ଲାଗିଛି। ମାଟିର ରଙ୍ଗିନ ସୁରେଇ, ମାଠିଆ ବିକ୍ରୟ ଆରମ୍ଭ ହୋଇଯାଇଛି। ରାଜ୍ୟ ବାହାର କଲିକତାରୁ କାରିଗରମାନେ ଆସି କ୍ୟାମ୍ପକରି ଏଠି ବିଭିନ୍ନ ସାମଗ୍ରୀ ତିଆରି କରି ବିକ୍ରି କରୁଛନ୍ତି। ମାଟି ତିଆରି ବୋତଲର ଚାହିଦା ଅଧିକ ଥିବା କାରିଗର କହିଛନ୍ତି। ଜଣେ କାରିଗର କହିଛନ୍ତି, ପ୍ରତିବର୍ଷ ଖରା ଆସିଲେ ସେମାନେ ସମ୍ବଲପୁର ଆସନ୍ତି। ପ୍ରାୟ ୫ବର୍ଷ ହେବ ସେମାନେ ଆସି ଭଲ ରୋଜଗାର କରୁଛନ୍ତି। ଚଳିତ ବର୍ଷ ବିକ୍ରି ହେବ ବୋଲି ଆଶା କରାଯାଉଛି। ସହର ବିଭିନ୍ନ ପ୍ରମୁଖ ଛକଗୁଡ଼ିକ ରାସ୍ତା କଡ଼ରେ ବିକ୍ରି କରାଯାଉଛି। ଗ୍ରାହକଙ୍କ ସୁବିଧା ଓ ମାଟିପାତ୍ରକୁ ଆକର୍ଷଣୀୟ କରିବା ପାଇଁ ଏଥିରେ ରଙ୍ଗ ଲଗାଯାଇ ବିକ୍ରି କରାଯାଉଛି। ଏହା ସହ ଟ୍ୟାପ ଖଞ୍ଜାଯାଇଛି। ସୁରେଇରେ ଫିଲ୍ଟର ଭଳିଆ ସୁବିଧା ରହିଥିବାରୁ ଏହାର ବିକ୍ରି ବୃଦ୍ଧି ପାଉଛି। ଲୋକଙ୍କ ଆବଶ୍ୟକତା ଅନୁସାରେ ଡିଜାଇନ କରାଯାଉଛି। ଦିନକୁ ଦିନ ତାପମାତ୍ରା ବଢୁଛି। ଫଳରେ ପ୍ରବଳ ଗରମ ଅନୁଭୂତ ହେଉଛି। ଏଭଳି ସ୍ଥିତିରେ ଥଣ୍ଡା ପାନୀୟର ଆବଶ୍ୟକ ବଢୁଛି।

### ବିବାଦୀୟ ବିଦ୍ୟୁତ୍ ବିଲର ସମାଧାନ ପାଇଁ
# ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠ

**ସମ୍ବଲପୁର/ବୁର୍ଲା, ୩।୪ (ସମିସ):** ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ଉପଭୋକ୍ତାଙ୍କ ବିବାଦୀୟ ବିଦ୍ୟୁତ୍ ବିଲର ସଂଶୋଧନ ଲାଗି ବଲାଙ୍ଗିର ଏବଂ ସୋନପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରୁଛି। ଧାର୍ଯ୍ୟ ତାରିଖ ଅନୁଯାୟୀ ନିଜ ନିଜ ଅଞ୍ଚଳରେ ସେମାନେ ଉପସ୍ଥିତ ରହି ନିଜର ବାକିଥିବା ବିବାଦୀୟ ବିଦ୍ୟୁତ୍ ବିଲକୁ ନେଇ ଅଭିଯୋଗ ପଞ୍ଜିକୃତ ତଥା ସମାଧାନ କରିପାରିବେ। ବଲାଙ୍ଗିର ସବ୍‌ଡିଭିଜନ୍ ଅଫିସ୍-୧ ଠାରେ ଏପ୍ରିଲ ୫ତାରିଖ, ଖପ୍ରାଖୋଲ୍ ଓ ଧାନ୍ଦମୁଣ୍ଡାଠାରେ ଏପ୍ରିଲ ୮ତାରିଖ, ସାଲେଭଟ୍ଟା ଓ କୁଟସିଙ୍ଗାଠାରେ ଏପ୍ରିଲ ୧୦ ତାରିଖ, ସି ଢେକେଲା ଓ ଟିଟିଲାଗଡ଼ଠାରେ ଏପ୍ରିଲ ୧୨ ତାରିଖ ଏବଂ କାଂସବାହାଲ ସବ ଡିଭିଜନ ଅଫିସ୍-୨ ଠାରେ ଏପ୍ରିଲ ୨୩ ତାରିଖ ଦିନ ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯାଉଛି। ସୋନପୁର ଜିଲ୍ଲା ଅନ୍ତର୍ଗତ ସୋନପୁର ଓ ଖାରିଠାରେ ଏପ୍ରିଲ ୬ ତାରିଖ, ସୁବଳୟା ଓ ମୁରସୁଣ୍ଡିଠାରେ ଏପ୍ରିଲ ୧୯ ତାରିଖ, ବିନକା ଓ ଏସ୍.ରାମପୁରଠାରେ ଏପ୍ରିଲ ୨୦ତାରିଖ ଏବଂ ବିରମହାରାପୁର ଓ ଉଲୁଣ୍ଡାଠାରେ ଏପ୍ରିଲ ୨୨ତାରିଖ ଦିନ ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯାଉଛି। ଏହାର ଲାଭ ଉଠାଇ ବାକିଥିବା ବିବାଦୀୟ ବିଦ୍ୟୁତ୍ ବିଲର ସମାଧାନ କରି ନିରବଚ୍ଛିନ୍ନ ତଥା ନିରନ୍ତର ବିଦ୍ୟୁତ୍ ସେବା ଉପଭୋଗ କରିବାକୁ ନିବେଦନ କରାଯାଇଛି।

# ହୀରାକୁଦ ସହରରେ ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ଉ

**ସମ୍ବଲପୁର, ୩।୪(ସମିସ):** ହୀରାକୁଦ ସହରର ଦୂଷିତ ପାଣି ଦ୍ୱାରା ଝାଡ଼ାବାନ୍ତି ରୋଗ ବ୍ୟାପୁଥିବା ଖବର ପାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଆଜି ହୀରାକୁଦ ସହରର ବିଭିନ୍ନ ଅଞ୍ଚଳରେ ସମ୍ବଲପୁର ମହାନଗର ନିଗମ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଏନେଇ ସମ୍ବଲପୁର ମହାନଗର ନିଗମ ଖାଦ୍ୟ ନିରାପତ୍ତା ବିଭାଗର ଅଧିକାରୀ ସନ୍ଦିପ ସୌରଭ ସୂଚନା ଦେଇଛନ୍ତି। ମହାନଗର ନିଗମ ଖାଦ୍ୟ ନିରାପତ୍ତା ବିଭାଗର ଅଧିକାରୀ ସନ୍ଦିପ ସୌରଭଙ୍କ ନେତୃତ୍ୱରେ ଖାଦ୍ୟ ନିରାପତ୍ତା ବିଭାଗର କର୍ମଚାରୀ କିରଣ କୁମାର ମହାନନ୍ଦିଆ, ମୁକେଶ କୁମାର ବାଗ ପ୍ରମୁଖ ଏହି ଚଢ଼ାଉରେ ସାମିଲ ହୋଇଥିଲେ।ଏହି ଚଡାଉ ସମୟରେ ବିଭିନ୍ନ ଖାଦ୍ୟ ଷ୍ଟଲ ଗୁଡିକରେ ସ୍ୱଚ୍ଛ ପାଣି ବ୍ୟବହାର ହେଉଛି କି ନାହିଁ ସେନେଇ ଯାଞ୍ଚ କରାଯାଇଛି। ଏଥିସହ ବିଭିନ୍ନ ଖାଦ୍ୟ ଷ୍ଟଲ ଗୁଡିକରେ ପାଣି ସ୍ୱଚ୍ଛତା ଭାବରେ ବ୍ୟବହାର ପାଇଁ ତାଗିଦ୍ କରାଯାଇଛି। ଏପରିକି ବିନା ଲାଇସେନ୍ସରେ ବୋତଲରେ ସୋଡା ବିକ୍ରି ହେଉଥିବା ସ୍ଥାନକୁ ଯାଇ ସେସବୁକୁ ନଷ୍ଟ କରାଯାଇଛି ବୋଲି ସୂଚନା ଦେଇଛନ୍ତି।



# ଡା.ଜ୍ୟୋତିରଞ୍ଜନ ପଣ୍ଡାଙ୍କ ପରଲୋକ

**ସମ୍ବଲପୁର, ୩।୪(ସମିସ):** ସମ୍ବଲପୁର ସହରର ବିଶିଷ୍ଟ ପ୍ରାଣୀ ଚିକିତ୍ସକ ଡା.ଜ୍ୟୋତିରଞ୍ଜନ ପଣ୍ଡାଙ୍କ ୭୯ ବର୍ଷରେ ପରଲୋକ ହୋଇଛି। ଗତକାଲି ରାତିରେ ହଠାତ୍ ଶ୍ୱାସକ୍ରିୟାଜନିତ ସମସ୍ୟା ଦେଖାଦେବାରୁ ତାଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ଏକ ଘରୋଇ ନର୍ସିଂହୋମକୁ ସ୍ଥାନନ୍ତରିତ କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ବାରିପଦାରୁ ଆସି ସମ୍ବଲପୁରରେ ୨୦୦୪ମସିହାରୁ ପ୍ରାଣୀଧନ ବିଭାଗରେ ଯୁଗ୍ମନିର୍ଦ୍ଦେଶକ ଭାବେ ସେ ଯୋଗଦେଇଥିଲେ। ସହରର ସାମାଜିକ, ବିକାଶମୂଳକ କାର୍ଯ୍ୟରେ ଲିପ୍ତ ରହିଥିଲେ। ବୃକ୍ଷରୋପଣ ଓ ସ୍ଥାନୀୟ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାରେ ନିଜକୁ ସକ୍ରିୟ ରଖିଥିଲେ। ଶୋକାକୁଳ ପରିବେଶରେ ସହରର ଅନେକ ଲୋକଙ୍କ ଉପସ୍ଥିତିରେ ସ୍ଥାନୀୟ ରାଜଘାଟରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ପୁତ୍ର ଦୁର୍ଗାପ୍ରସାଦ ପଣ୍ଡା ମୁଖାଗ୍ନି ଦେଇଥିଲେ। ସେ ତାଙ୍କ ପଛରେ ପତ୍ନୀ ମନୋରମା, କନ୍ୟା ମମତା, ବୋହୂ ସରିତା, ନାତୁଣୀ ଅନ୍ୱେଷାକୁ ଛାଡ଼ିଯାଇଛନ୍ତି। ତାଙ୍କ ବିୟୋଗରେ ସହରର ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।



# ପରଲୋକ ପରେ ଭିମସାରକୁ ଶରୀର ଦାନ



**ସମ୍ବଲପୁର, ୩।୪(ସମିସ):** ସମ୍ବଲପୁର ଜିଏମ୍ କଲେଜ ରୋଡର ୮୨ବର୍ଷିଆ ଲବଙ୍ଗଲତା ପତିଙ୍କ ଗତକାଲି ପରଲୋକ ଘଟିଛି। ୨୦୧୪ ମସିହା ନଭେମ୍ବର ମାସରେ ଲବଙ୍ଗଲତା ମୃତ୍ୟୁ ପରେ ତାଙ୍କ ଶରୀର ବୁର୍ଲା ସ୍ଥିତ ଭିମସାର ଡାକ୍ତରଖାନକୁ ପ୍ରଦାନ କରିବେ ବୋଲି ଉଲ୍ଲେଖ କରିଥିଲେ। ଆଜି ତାଙ୍କ ଶରୀର ଆନଟୋମି ବିଭାଗକୁ ହସ୍ତାନ୍ତର କରାଯାଇଛି। ପ୍ରକାଶଯୋଗ୍ୟ, ଶ୍ରୀମତୀ ପତିଙ୍କ ସ୍ୱାମୀ ବଂଶୀଧର ପତିଙ୍କ ଶରୀର ମଧ୍ୟ ଗତବର୍ଷ ଆନଟୋମି ବିଭାଗକୁ ପ୍ରଦାନ କରାଯାଇଥିଲା। ଆଜିର ଶରୀର ହସ୍ତାନ୍ତର କାର୍ଯ୍ୟକ୍ରମରେ ତିନିଝିଅ ଗୀତାରାଣୀ ନାୟକ, ମମତା ନାୟକ, ଜିତାରାଣୀ ମିଶ୍ରଙ୍କ ସମେତ ପ୍ରଶାନ୍ତ ପାଟ୍ଟଯୋଶୀ, ରଜନୀକାନ୍ତ ନାଗ, ପ୍ରଣବାନନ୍ଦ ଦାନି ଓ ପ୍ରବୀଣା ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମହତ କାର୍ଯ୍ୟପାଇଁ ବିଭାଗ ପକ୍ଷରୁ ପରିବାର ବର୍ଗଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ପଙ୍କରେ ପୋତି ହୋଇଛି ଲରପଙ୍କ ପୋଖରୀ
# ପାଣି ପାଇଁ କେନାଲ ଉପରେ ନିର୍ଭର କରୁଛନ୍ତି ୩୫ ପରିବାର

**ସମ୍ବଲପୁର, ୩।୪(ସମିସ)**

ସମ୍ବଲପୁର ମହାନଗର ୱାର୍ଡ଼ନମ୍ବର ୧୧ରେ ଥିବା ଲରପଙ୍କ ବଳଭଦ୍ରପଡ଼ାରେ ପାଖାପାଖି ୩୫ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ଉକ୍ତ ପଡ଼ାରେ କେଉଁକାଳରୁ ଏକ ପୋଖରୀ ଥିଲା। ସେହି ପୋଖରୀ ଉପରେ ପଡ଼ାବାସୀ ନିର୍ଭର କରିଆସୁଥିଲେ। ଦୈନନ୍ଦିନ ଜୀବନରେ ପୋଖରୀର ଗୁରୁତ୍ୱ ଢେର ଅଧିକା ଥିଲା। ହେଲେ ଏବେ ପୋଖରୀଟି ପଙ୍କରେ ପୋତି ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ପଡ଼ାବାସୀଙ୍କ ଗଧୋଇବା ଠାରୁ ଅନ୍ୟାନ୍ୟ କାମରେ ମୁଖ୍ୟ ସହାୟ ହୋଇ ଆସୁଥିବା ଏହି ପୋଖରୀ ଏବେ ଲଟାବୁଦା, ଅନାବନା ଗଛଲତାରେ ପରିପୂର୍ଣ୍ଣ ହୋଇପଡ଼ିଛି। ପୋଖରୀର ପୁନଃରୁଦ୍ଧାର ପାଇଁ ଗ୍ରାମବାସୀ ମିଳିତ ଭାବେ ଉଦ୍ୟମ କରିଆସୁଛନ୍ତି। ୨/୩ ଥର ପୋଖରୀ ଭିତରକୁ ଯାଇ ଦଳ ସଫା କରିଥିଲେ। ହେଲେ ଅତ୍ୟାଧିକ ଦଳ ଭର୍ତ୍ତି ହୋଇଥିବାରୁ ଏହାକୁ ସମ୍ପୂର୍ଣ୍ଣ ସଫା କରିପାରି ନଥିଲେ। ପ୍ରଶାସନ ପକ୍ଷରୁ ଏହି ପୋଖରୀକୁ ସଫା କରାଯିବା ପାଇଁ କୌଣସି ଉଦ୍ୟମ କରାଯାଇ ନାହିଁ। ଏହି ଅଞ୍ଚଳକୁ ପିଇବାପାଣି ପାଇଁ ପିଏଚ୍‌ଡି ବିଭାଗ ପାଣି ଯୋଗାଇ ଦେଇଛି। ହେଲେ ପାଇପ୍‌ରେ ଅତି ଅଳ୍ପ ପରିମାଣରେ ପାଣି ଆସୁଛି। ଗାଧୋଇବା ପାଇଁ କୌଣସି ସୁବିଧା ନଥିବାରୁ ବହୁ ପଡ଼ାବାସୀ ଦୂରରେ ଥିବା ଏକ ପୋଖରୀ ଉପରେ ଭରସା କରୁଛନ୍ତି। ଅନ୍ୟ କିଛି ଲୋକ ନିକଟସ୍ଥ କେନାଲକୁ ଯାଇ ଗାଧୋଇଥାନ୍ତି। ପଡ଼ାବାସୀ ଏବେ ଅଧିକ ମାତ୍ରାରେ ମହାନଦୀ ଉପରେ ନିର୍ଭର କରୁଥିବା ବେଳେ ଏବେ ମହାନଦୀ ପାଣି ମଧ୍ୟ ପ୍ରଦୂଷିତ ହୋଇଥିବାରୁ ପିଇବାତ ଦୂରର କଥା ଗାଧୋଇବା ପାଇଁ ମଧ୍ୟ ଅନୁପଯୁକ୍ତ ବୋଲି ରିପୋର୍ଟରେ କୁହାଯାଇଛି। ହୀରାକୁଦ ସହରରେ ଝାଡ଼ାବାନ୍ତି ଉଗ୍ର ହୋଇଥିବା ବେଳେ ଏହି ସଂକ୍ରମଣ ଅନ୍ୟ ଜଳକ୍ଲିଷ୍ଟ ଅଞ୍ଚଳକୁ ମଧ୍ୟ ବ୍ୟାପୀବାର ସମ୍ଭାବନା ରହିଛି। ତେଣୁ ଏପରି ସମୟରେ କେନାଲ ପାଣି ବ୍ୟବହାର କରିବା ବିପଦ ବୋଲି ବୁଦ୍ଧୀଜୀବୀ ମହଲରେ ଚର୍ଚ୍ଚା ହୋଇଛି। ଶୀଘ୍ର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ଦାବି ହୋଇଛି। ସମ୍ବଲପୁର ମହାନଗର ନିଗମର ବିଭିନ୍ନ ୱାର୍ଡ଼ ଗୁଡ଼ିକରେ ଥିବା ଜଳାଶୟ ଗୁଡ଼ିକର ପୁନଃରୁଦ୍ଧାର କାମ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୮୪ଗୋଟି ଜଳାଶୟ ପୁନରୁଦ୍ଧାର କାମ ହାତକୁ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଲରପଙ୍କ ପୋଖରୀ ମଧ୍ୟ ଆମ ପୋଖରୀ ଯୋଜନାରେ ଅନ୍ତର୍ଭୁକ୍ତ ରହିଛି। ଶୀଘ୍ର ଏହି କାମ ଆରମ୍ଭ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।



## ଉପ ନଗରପାଳଙ୍କ ଦ୍ୱାରା ବୃଦ୍ଧାଙ୍କ ଶବ ସତ୍କାର



**ଦେବଗଡ଼, ୩।୪(ସମିସ):** ଦେବଗଡ଼ ଉପନଗରପାଳ ପ୍ରଜିତ ଭୋଜ ଜଣେ ଅସହାୟ ବୃଦ୍ଧାଙ୍କ ଶବ ସତ୍କାର କରି ମାନବିକତାର ପରିଚୟ ଦେଇଛନ୍ତି। ମୃତ ବୃଦ୍ଧା ଜଣକ ହେଲେ ଦେବଗଡ଼ ପୌରାଞ୍ଚଳ ପତ୍ରାପାଲି ସାହିର ସ୍ୱର୍ଗତ ବାନ୍ଧଲି ମୁଣ୍ଡାଙ୍କ ସ୍ତ୍ରୀ ବିଲ ମୁଣ୍ଡା (୭୦)। ଦେବଗଡ଼ ଥାନା ସୁଗୁଡା ପୋଲ ନିକଟରୁ ତାଙ୍କୁ ସଂଜ୍ଞା ହୀନ ଅବସ୍ଥାରେ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା; ମାତ୍ର ଡାକ୍ତର ବୃଦ୍ଧାଙ୍କୁ ମୃତ ଘୋଷଣା କରିଥିଲେ। ଦୁଇ ଝିଅଙ୍କ ବ୍ୟତୀତ ପରିବାରରେ ଅନ୍ୟ କୌଣସି ସଦସ୍ୟ ନ ଥିବାରୁ ମୃତଦେହ ସଂସ୍କାର ପାଇଁ କେହି ବାହାରି ନ ଥିଲେ। ଶେଷରେ ଉପ ନଗରପାଳ କେତେକ ଯୁବକଙ୍କୁ ନେଇ ପ୍ରଧାନପାଟ ସ୍ୱର୍ଗଦ୍ୱାରରେ ବୃଦ୍ଧାଙ୍କ ଅନ୍ତିମ ସଂସ୍କାର କରିଥିଲେ।

# ଭେରୁବଣି ଗ୍ରାମବାସୀଙ୍କ ଧମକରେ ପ୍ରଶାସନ ଛାନିଆ

**ଦେବଗଡ଼, ୩।୪(ସମିସ)**

ତିଲେଇବଣି ବ୍ଲକ ଦୁଧିଆନାଳି ପଞ୍ଚାୟତ ଭେରୁବଣି ଗ୍ରାମବାସୀ ରାସ୍ତା ଓ ରାଜସ୍ୱ ଗ୍ରାମର ମାନ୍ୟତା ପାଇଁ ଦାବି କରିଛନ୍ତି। ଏ ନେଇ ସେମାନେ ଜିଲ୍ଲାପାଳଙ୍କୁ ଏକ ଦାବି

**ଭୋଟ୍ ବର୍ଜନା ଚେତାବନୀ**
**ରାସ୍ତା, ରାଜସ୍ୱ ଗ୍ରାମ ମାନ୍ୟତା ଦାବି**
**ଗାଁରେ ପହଞ୍ଚିଲା ପ୍ରଶାସନିକ ଟିମ୍**

ପତ୍ର ପ୍ରଦାନ କରିଛନ୍ତି। ବିଭିନ୍ନ ସମୟରେ ସେମାନେ ରାସ୍ତା ଓ ରାଜସ୍ୱ ଗ୍ରାମର ମାନ୍ୟତା କରିବା ପାଇଁ ଦାବି କରିଆସୁଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନି। ଏଭଳି ଅଭିଯୋଗ କରି ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ଶେଷରେ ଦାବି ପୂରଣ ନ ହେଲେ ଭୋଟ ବର୍ଜନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ତେବେ ଏହାକୁ



ଗୁରୁତର ସହ ନେଇ ବୁଧବାର ପ୍ରଶାସନିକ ଟିମ୍ ଗ୍ରାମରେ ପହଞ୍ଚିଛି। ତିଲେଇବଣି ବିଡିଓ ରଘୁନାଥ ପାଣିଗ୍ରାହୀ, ଦେବଗଡ଼ ତହସିଲଦାର କର୍ଣ୍ଣ ମଲ୍ଲିକ ଓ ରାଜସ୍ୱ ବିଭାଗୀର ଅଧିକାରୀମାନେ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଏହାସହ ବୁଲି ଗାଁର ସ୍ଥିତି ଅନୁଧ୍ୟାନ କରିଥିଲେ। ଗ୍ରାମବାସୀଙ୍କ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଗ୍ରାମ୍ୟ କମିଟି ସଭାପତି ସ୍ୱପ୍ନେଶ୍ୱର ସାହୁ, ସମ୍ପାଦକ ରଞ୍ଜନ ବିଶାଳଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ଭେରୁବଣି ଗ୍ରାମର ଗ୍ରାମବାସୀ ବହୁ ବର୍ଷ ପୂର୍ବେ ରେଙ୍ଗାଳୀ ନଦୀବନ୍ଧ ଓ ଗୋହିରା ନଦୀବନ୍ଧ ଦ୍ୱାରା ବିସ୍ଥାପିତ ହୋଇଛନ୍ତି। ପ୍ରାୟ ୧୦୦ ପରିବାର ଭେରୁବଣି ଜାମୁନାଳୀ କଲୋନୀ ପଡ଼ା ଗ୍ରାମରେ ବସବାସ କରୁଛନ୍ତି। ଗ୍ରାମକୁ ଯିବାକୁ ଆଜି ଯାଏଁ କିନ୍ତୁ ରାସ୍ତା ନାହିଁ। ଗାଁକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରୁଛନ୍ତି। ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ଜିଲ୍ଲା ପ୍ରଶାସନ ନିକଟରେ ଏ ନେଇ ବହୁବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ଶେଷରେ ସେମାନେ ଭୋଟ ବର୍ଜନ ଚେତାବନୀ ଦେଇଥିଲେ।

## ବଡ଼ଛାପଲ, ଲାଣ୍ଡିଝରିରେ ପ୍ରଚାର ଅଭିଯାନ



**ଦେବଗଡ଼, ୩।୪(ସମିସ):** ଆଗାମୀ ସାଧାରଣ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କ ସପକ୍ଷରେ ଜନମତ ସୃଷ୍ଟି ଲକ୍ଷ୍ୟ ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ତିଲେଇବଣି ବ୍ଲକ ବଡ଼ଛାପଲ ଓ ବାରକୋଟ ବ୍ଲକ ମଧ୍ୟପୁର ପଞ୍ଚାୟତ ଲାଣ୍ଡିଝରି ଗ୍ରାମରେ ଘରକୁ ଘର ପ୍ରଚାର ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ସେମ ହେମରାମ୍ବଙ୍କ ନେତୃତ୍ୱରେ ଜିଲ୍ଲା କଂଗ୍ରେସ କମିଟିର ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଓ ପଦାଧିକାରୀ ଉଭୟ ଗ୍ରାମରେ ଘରକୁ ଘର ବୁଲି ଦଳୀୟ ପ୍ରଚାର କରିଥିଲେ। ବଡ଼ଛାପଲ ଗ୍ରାମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରମେଶ ଚନ୍ଦ୍ର ପାତ୍ର, ଶ୍ରୀତମ ସାହୁ, ଅଲେଖ ନାଏକ, ଦେବେନ୍ଦ୍ର ଗଡ଼ନାୟକ, ନାଥ ଜାଲ ଓ ଜଗବନ୍ଧୁ ଷଣ୍ଢ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ସେହିପରି ଲାଣ୍ଡିଝରି ଗ୍ରାମରେ ଆୟୋଜିତ କାର୍ଯ୍ୟକ୍ରମରେ ଭାବଗ୍ରାହୀ ସାହୁ, ସଞ୍ଜୀବ ପ୍ରଧାନ, ନଳିନୀ ପ୍ରଧାନ, କ୍ଷମାନିଧି ପ୍ରଧାନ, ଦେବକୀ ସାହୁ, ନିରୁପମା ସାହୁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ନିରଞ୍ଜନ ସେଠିଙ୍କ ସମେତ ବହୁ କର୍ମୀ ଉପସ୍ଥିତ ରହି ଆଗାମୀ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ।

## ଟ୍ରକ୍ ଚାଳକଙ୍କ ଆତ୍ମହତ୍ୟା

**ଝାରସୁଗୁଡ଼ା, ୩।୪(ସମିସ):** ବେଲପାହାଡ଼ ଥାନା ଗୁମାଡେରା ଜାହାଜପଡ଼ାରେ ଜଣେ ଅଣଓଡ଼ିଆ ଟ୍ରକ୍ ଚାଳକ ଆତ୍ମହତ୍ୟା କରିଛନ୍ତି। ଏହି ବ୍ୟକ୍ତି ଜଣକ ହେଲେ ଝାଡ଼ଖଣ୍ଡ ରାଜ୍ୟ ଦେଓଘର ଜିଲା ପରଶିଆ ମାର୍ଗୋମୁଣ୍ଡା ଗ୍ରାମର ରାଜେଶ କୁମାର ସିଂ (୪୬)। ଦୀର୍ଘ ବର୍ଷ ହେଲା ସେ ଗୁମାଡେରା ଜାହାଜପଡ଼ାରେ ପରିବାର ସହିତ ରହୁଥିଲେ। ପତ୍ନୀ ୨୧ ଓ ୧୮ ବର୍ଷର ଦୁଇ ପୁଅ ଅଛନ୍ତି। ମାର୍ଚ୍ଚ ୧୧ରେ ଝାଡ଼ଖଣ୍ଡର ନିଜ ଗ୍ରାମରେ ବଡ଼ ଝିଅକୁ ବିବାହ କରାଇଥିଲେ। ମଝିଆ ପୁଅ ରାଉରକେଲାରେ ଡିପ୍ଲୋମା ପଢୁଥିବାବେଳେ ଅନ୍ୟ ସାନ ପୁଅ ହୀରାକୁଦଠାରେ ଆଇଟିଆଇ ତାଲିମ ନେଉଛନ୍ତି। ବିବାହ ପରେ ଝିଅ ଲେଉଟାଣି ଆସିଥିବାବେଳେ ପତ୍ନୀ ଗାଁରେ ଅଛନ୍ତି।

ତେବେ ମଙ୍ଗଳବାର ରାତିରେ ବାପ, ଝିଅ ରାତ୍ରି ଭୋଜନ କରି ନିଜ ନିଜ କୋଠରୀରେ ଶୋଇଥିଲେ। ସକାଳ ପ୍ରାୟ ୬ ଟାରେ ଝିଅ ଉଠି ଦେଖିଲା ବେଳକୁ ରାଜେଶ ଏକ ଗାମୁଛା ଓ ଏକ ଓଢ଼ଣିରେ ବେକରେ ଫାସ ଲଗାଇ ଆତ୍ମହତ୍ୟା କରିଛନ୍ତି। ଏହା ପରେ ସେ ସାହି ପଡ଼ିଶା ଲୋକଙ୍କୁ ଡାକିଥିଲେ। ଖବର ପାଇ ପୁଲିସ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ବେଲପାହାଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଡାଏଲିସିସି ସେଣ୍ଟରେ ଏସି କାର୍ଯ୍ୟକ୍ଷମ କରିବାକୁ ଦାବି



**ଦେବଗଡ଼, ୩।୪(ସମିସ):** ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କିଡ୍‌ନୀ ରୋଗୀଙ୍କ ପାଇଁ ଥିବା ଡାଏଲିସିସି ସେଣ୍ଟରେ ଏସି (ଶୀତତାପ) କାର୍ଯ୍ୟକ୍ଷମ କରିବା ପାଇଁ ଦାବି ହୋଇଛି। ଯୁବ ନେତା ସୁଧିର ବ୍ରହ୍ମାଙ୍କ ନେତୃତ୍ୱରେ ବହୁ ସ୍ୱେଚ୍ଛାସେବୀ ସିଡିଏମଓଙ୍କୁ ସାକ୍ଷାତ କରି ଏହି ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହିତ ଦାବି ପତ୍ର ପ୍ରଦାନ କରିଥିଲେ। ଦାବି ପତ୍ର ପ୍ରଦାନବେଳେ ମହେନ୍ଦ୍ର ରଣା, ଲିପୁନ ବାରିକ, ତାପସ ନନ୍ଦ, ଅଜୟ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କିଛିଦିନ ହେଲା ଦେବଗଡ଼ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କିଡ୍‌ନୀ ରୋଗୀଙ୍କ ପାଇଁ ଥିବା ଡାଏଲିସିସି ସେଣ୍ଟରେ ଏସି କାର୍ଯ୍ୟ କରୁ ନ ଥିବା ଅଭିଯୋଗ ହୋଇଛି। ଏହାସହିତ ମୁଖ୍ୟ ଚିକିତ୍ସାଳୟର ଥିବା କ୍ୟାବିନରେ ଏସି କାର୍ଯ୍ୟ କରୁନି। ବିଭିନ୍ନ ୱାର୍ଡରେ ଥିବା ଫ୍ୟାନ ଓ ଥଣ୍ଡା ପାନୀୟ ଜଳ ମଧ୍ୟ ଠିକ ଭାବେ କାର୍ଯ୍ୟ କରୁ ନ ଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି।

## ଦୀପାଳି, ଅଳକାଙ୍କ ସମର୍ଥକ ଉତ୍ସାହିତ

**ଝାରସୁଗୁଡ଼ା, ୩।୨(ସମିସ):** ବିଜୁ ଜନତା ଦଳ ପକ୍ଷରୁ ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀ ଘୋଷଣା କରାଯାଇଛି। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେତେକ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ସମସ୍ତ କଳ୍ପନା କଳ୍ପନାର ଅନ୍ତ ଘଟାଇ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରୁ ପୁଣିଥରେ ଦୀପାଳି ଦାସଙ୍କୁ ଟିକଟ ପ୍ରଦାନ କରାଯାଇଛି। ସେହିପରି ବ୍ରଜରାଜନଗରରୁ ମଧ୍ୟ ପୁଣି ଥରେ ଅଳକା ମହାନ୍ତିଙ୍କୁ ଦଳ ପ୍ରାର୍ଥୀ କରିଛି। ବ୍ରଜରାଜନର ନିର୍ବାଚନ ମଣ୍ଡଳୀରୁ ଅନେକ ଆଶାୟୀ ଦଳ ପାଖରେ ଆବେଦନ କରିଥିଲେ। ଦଳ କିନ୍ତୁ ଅଳକାଙ୍କ ଉପରେ ଆସ୍ଥା ପ୍ରକଟ କରିଛି। ଦିପାଳୀ ଓ ଅଳକାଙ୍କ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି।

## ଯୋଗମାୟା ପୀଠରେ ବିଜେଡି ସାଂସଦ ପ୍ରାର୍ଥୀ



**କେସିଙ୍ଗା, ୩।୪(ସମିସ):** କଳାହାଣ୍ଡି ବିଜୁ ଜନତା ଦଳ ଲୋକସଭା ପ୍ରାର୍ଥୀ ଲମ୍ବୋଦର ନିଆଲ ମଙ୍ଗଳବାର କେସିଙ୍ଗାରୁ ଆଠ କିଲୋମିଟର ଦୂରରେ ଅବସ୍ଥିତ ଗୁର୍ଜିମୁଣ୍ଡାର ପ୍ରତ୍ୟକ୍ଷ ଦେବୀ ମା' ଯୋଗମାୟା ପୀଠ ଦର୍ଶନ କରି ମାଆଙ୍କ ଆଶୀର୍ବାଦ ନେଇଛନ୍ତି। ମନ୍ଦିର ଭିତରେ ରୀତିନୀତିରେ ପୂଜାର୍ଚ୍ଚନା କରି ଫେରିଥିବା ଜଣାପଡ଼ିଛି। ଶ୍ରୀ ନିଆଲ ପ୍ରଥମେ ପାଷ୍ଟିକୁଡ଼ିରେ ଏକ ମିଶ୍ରଣ ପର୍ବରେ ଯୋଗଦାନ କରିବା ପରେ ଗୁର୍ଜିମୁଣ୍ଡାସ୍ଥିତ ଯୋଗମାୟା ପୀଠକୁ ଯାଇଥିଲେ। କେସିଙ୍ଗା ନଗରପାଳ ନୃପରାଜ ଯାଦବ ଓ ଅନ୍ୟାନ୍ୟ ବିଜେଡି କର୍ମୀ ଓ ନେତାବୃନ୍ଦ ଶ୍ରୀ ନିଆଲଙ୍କ ଗସ୍ତ ସମୟରେ ଉପସ୍ଥିତ ଥିଲେ।

## ଷାଠିଏ ଘର ଡୁମାଲ ସମାଜର ବାର୍ଷିକ ବୈଠକ



**ମୁରିବାହାଲ, ୩।୪(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ମୁରିବାହାଲ ମାହେଶ୍ୱରୀ ପୀଠରେ ଷାଠିଏ ଘର ଡୁମାଲ ସମାଜର ବାର୍ଷିକ ବୈଠକ ସଭାପତି ପ୍ରଫୁଲ ବଘାରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଉଯାଇଛି। ଏହି କାର୍ଯ୍ୟକ୍ରମରେ ମୁରିବାହାଲ ଚକ ଅନ୍ତର୍ଗତ ସମସ୍ତ ଗ୍ରାମର ଜାତିଗଙ୍ଗା, କର୍ମକର୍ତ୍ତା ଉପସ୍ଥିତ ରହି ସମାଜର ରୀତିନୀତି, ସଂସ୍କାର, ଶିକ୍ଷା, ବିବାହ ପଞ୍ଜିକରଣ ଓ ପରିସଂଖ୍ୟାନ ବିଷୟରେ ବିଷଦ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କମିଟିର ସାଂଗଠନିକ ସମ୍ପାଦକ ଅଭିମନ୍ୟୁ ପଧାନ ସଭା ପରିଚାଳନା କରିଥିବାବେଳେ ସମ୍ପାଦଜ ଉପେନ୍ଦ୍ର ପଧାନ ପୂର୍ବ ବୈଠକର ବିବରଣୀ ପ୍ରଦାନ କରିଥିଲେ। କମିଟିର ଉପଦେଷ୍ଟା ହରେକୃଷ୍ଣ ବଘାର, ପ୍ରଭାକର ବଘାର, କୁମାର ଚନ୍ଦ୍ର ଖମାରୀ, ମକୁନ୍ଦ ପଧାନ, ଗୌରାଙ୍ଗ ମାହାକୁର, ଭୀମପଧାନ, ଆଦିବାସ ମାହାର, ଉପସଭାପତି ବାସୁଦେବ ପଧାନ, କୋଷାଧ୍ୟକ୍ଷ ଦେବରାଜ ପଧାନ, କମିଟି ସଦସ୍ୟ ନରୋତ୍ତମ ପଧାନ, ଭୀମ ମହାକୁର, ମୁରଲୀ ଖମାରୀ, ବୁଦ୍ଧଦେବ ଖେତୀ, ଭରତ ପଧାନ, ବିଦ୍ୟାଖମାରୀ, ବୈଦନାଥ ପଧାନ, ଟିକୁନୁ ପଧାନ, ରୁଷବ ମାହାକୁର, ବିଜୟ ପାତ୍ର, ବାସୁ ମାହାକୁର, ସତ୍ୟବାନ ଛନ୍ଦ, ଲାଲୁ କର୍ମୀ, ମୋହନ କର୍ମୀ, କୁମର ପାତ୍ରେ, ଦୁର୍ଯ୍ୟୋଧନ ମାହାକୁର, ଚନ୍ଦ୍ରଶେଖର ଖମାରୀ, ଉପାସୁ ପଧାନ, ତୀର୍ଥ ପଧାନ, ରଙ୍ଗ ଥାଟି, ଶୀଧେଶ୍ୱର କମ୍ପ, ଆନନ୍ଦ ଅମାତ, ସୁରେଶ ମାହାକୁର, କୃତି ଅମାତ, ଦୁର୍ଯ୍ୟୋଧନ ବଘାର, ମାର୍କଣ୍ଡ ନାଏକ, ହର ବଘାର, ହେମସାଗର ବଘାର, ମା ମାହେଶ୍ୱରୀ ପୀଠର ପୂଜକ ତ୍ରିସିଂ ବଘାର, ବରୁଆ ଭକ୍ତ ବଘାର ତଥା ସେବକ ବୃନ୍ଦ ପ୍ରମୁଖ ଯୋଗଦାନ କରିଥିଲେ। ସୁଦାମ ବଘାର ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍ସବ ପାଳିଲେ ଦୀପାଳିଙ୍କ ସମର୍ଥକ

**ଝାରସୁଗୁଡ଼ା, ୩।୪(ସମିସ):** ଝାରସୁଗୁଡ଼ା ଜିଲ୍ଲାର ଦୁଇଟି ବିଧାନସଭା ଆସନ ପାଇଁ ବୁଧବାର ବିଜେଡି ବିଧାୟକ ପ୍ରାର୍ଥୀ ଘୋଷଣା କରିଛି। ଝାରସୁଗୁଡ଼ା ବିଧାସଭା ନିର୍ବାଚନୀମଣ୍ଡଳ ଲାଗି ଦୀପାଳୀ ଦାସଙ୍କ ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶ୍ୱାସ ରଖି ପୁଣିଥରେ ପ୍ରାର୍ଥୀ କରିଛନ୍ତି। ସେହିଭଳି ବ୍ରଜରାଜନଗର ବିଧାନସଭା ଆସନ ପାଇଁ ବିଧାୟିକା ଅଳକା ମହାନ୍ତିଙ୍କୁ ବିଜେଡି ପୁଣି ଥରେ ପ୍ରାର୍ଥୀ କରିଛି। ତେବେ ଝାରସୁଗୁଡ଼ାବାସୀ ମଙ୍ଗଳବଜାର ଛକ, ରେଳଷ୍ଟେସନ ଛକ, ବେହେରାମାଲ ଛକ, ବିଟିଏମ୍ ଛକ, ଲଇକେରା, କିର୍ମିରା, କୋଲାବିରା ସହ ସରବାହାଲରେ ଦୀପାଳିଙ୍କ ସମର୍ଥକ ତଥା ବିଜେଡ଼ି କର୍ମୀ ଓ ନେତୃବୃନ୍ଦ ବାଣ ଫୁଟାଇ ମିଷ୍ଟାନ ବଣ୍ଟନ କରିଛନ୍ତି। ପିଣ୍ଟୁ ପାଢ଼ୀ, ପ୍ରତାପ ନନ୍ଦ, ମଦନ ହାତୀ, ଶ୍ରୀକାନ୍ତ ମହାନ୍ତି, ହରିଶ ଗଣତ୍ରା, ସନ୍ଦୀପ ଅବସ୍ଥି, ଅଶୋକ ଦାସ, ରଘୁମଣି ପଟେଲ, ସିଦ୍ଧାର୍ଥ ସରକାର, ଆଲୋକ ତ୍ରିପାଠୀ, ଜୟପ୍ରକାଶ କୁଅଁର, ଶଶି ତିୱାରୀ, ତୁଳସୀ ଦାସ ପ୍ରମୁଖ ବିଜେଡି ନେତୃବୃନ୍ଦ ଉପସ୍ଥିତ ଥିଲେ।

## ମୂଷାମରା ବିଷ ଖାଇ ଯୁବତୀଙ୍କ ଆତ୍ମହତ୍ୟା

**ଝାରସୁଗୁଡ଼ା, ୩।୪(ସମିସ):** ଲଖନପୁର ଥାନା ଜାମବେର୍ଣ୍ଣା ଗ୍ରାମର ଜଣେ ଯୁବତୀ ମୂଷାମରା ବିଷ ଖାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବତୀ ଜଣକ ଜାମବେର୍ଣ୍ଣା ଗ୍ରାମର ମୋହିନୀ ପାଣ୍ଡେ (୩୦)। ମଙ୍ଗଳବାର ରାତିରେ ସେ ଖାଇପିଇ ଶୋଇଥିଲେ। ରାତି ପ୍ରାୟ ୨ଟାରୁ ସାଢ଼େ ୨ଟା ସମୟ ମଧ୍ୟରେ ଛଟପଟ ହେଉଥିବା ଶବ୍ଦ ଶୁଣି ପରିବାର ଲୋକେ ଉଠିଥିଲେ। ମୋହିନୀ ମୂଷାମରା ବିଷ ଖାଇ ଦେଇଥିବା କହିଥିଲେ। ତେବେ ୧୦୮ ଆମ୍ବୁଲାନ୍ସ ଆସିବା ବେଳକୁ ମୋହିନୀଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଲଖନପୁର ଥାନା ଅଧିକାରୀ ବିନୋଦ ରାଓ ପହଞ୍ଚି ଶବ ଜବତ କରିଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି।

# ବିଦ୍ୟୁତ୍ ତାର ଚୋରିକୁ ରୋକିପାରୁନି ପୁଲିସ

**କୋଲାବିରା, ୩।୪(ସମିସ)**

ନିୟମିତ ଭାବରେ ବିଦ୍ୟୁତ୍ ତାର ଚୋରି ହେଉଛି। ପୁଲିସ କିନ୍ତୁ ଚୋରିର ଟେର୍ ପାଉନି। ଏଣୁ ବିଦ୍ୟୁତ୍ ତାର ଚୋରି ନିୟନ୍ତ୍ରଣକୁ ଆସି ପାରୁନି। ଅନ୍ୟପକ୍ଷେ

**ଅଭିଯୋଗ କରାଯାଇଛି**
**କହି ବିଦ୍ୟୁତ୍ ବିଭାଗ ଚୁପ୍**

ତାର ଚୋରି ଫଳରେ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ସହିତ ଚାଷପାଇଁ ବ୍ୟବହୃତ ଉଠା ଜଳସେଚନ ପ୍ରକଳ୍ପ ବନ୍ଦ ପଡ଼ିଛି। କୋଲାବିରା ଥାନା



ଅଞ୍ଚଳରୁ ମାସକ ମଧ୍ୟରେ ୬ଟି ସ୍ଥାନର ବିଦ୍ୟୁତ୍ ତାର ଚୋରି ହୋଇଥିବା କୋଲାବିରା ଥାନାରେ ଅଭିଯୋଗ ହୋଇଛି। ବଡବାହାଲ ଗାଁ ନିକଟରୁ ୧୦ଟି ସ୍ଥାନରୁ ତାର ଚୋରି ହୋଇଛି। ୫ଟି ବିଦ୍ୟୁତ୍ ଖୁଣ୍ଟ ଭଙ୍ଗା ଯାଇଛି। ସୋଡାମାଲ ଉଠାଜଳସେଚନ ପ୍ରକଳ୍ପ ନିକଟରୁ ୫ଟି ସ୍ଥାନର ତାର ଏବଂ ୩ଟି ପୋଲ ଭଙ୍ଗା ଯାଇଛି। ବେଲମୁଣ୍ଡା ଉଠାଜଳସେଚନ ପ୍ରକଳ୍ପର ମଧ୍ୟ ୫ଟି ସ୍ଥାନରୁ ବିଦ୍ୟୁତ୍ ତାର ଚୋରି ହୋଇଛି। ଏହା ସହିତ ସମାସିଂହା ଏବଂ ତରେଇକେଲାର ମେଗା ଜଳ ଯୋଗାଣ ପ୍ରକଳ୍ପ ନିକଟରୁ ଯଥାକ୍ରମେ ୭ଟି ପୋଲ ଏବଂ ୪ଟି ପୋଲରୁ ବିଦ୍ୟୁତ ତାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ତେବେ ଏ ପର୍ଯ୍ୟନ୍ତ ଚୋରଙ୍କ ପତ୍ତା ମିଳୁନି। ଅଭିଯୋଗ କରାଯାଇଛି କହି ବିଦ୍ୟୁତ୍ ବିଭାଗ ଚୁପ୍। ଏଣୁ ୧୫ଶହ ଜନସଂଖ୍ୟା ବିଶିଷ୍ଟ ବଡବାହାଲ ପରି ଗ୍ରାମକୁ ମାସାଧିକ କାଳ ହେଲା ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଲୋକେ ଏଠୁ ସେଠୁ ପାନୀୟ ଜଳ ବ୍ୟବସ୍ଥା କରି କାମ ଚଳାଉଛନ୍ତି।

## ଝାଡେଶ୍ୱରୀ ଦିବ୍ୟାଙ୍ଗ ସ୍କୁଲରେ ସମନ୍ୱୟ ବୈଠକ



**ଝାରସୁଗୁଡା, ୩।୪(ସମିସ):** ବୁରୋମାଲ ବୁଡାପଡ଼ାସ୍ଥିତ ଝାଡେଶ୍ୱେରୀ ସ୍ୱତନ୍ତ୍ର ବିଦ୍ୟାଳୟରେ ସ୍ୱତନ୍ତ୍ର ପ୍ରଶିକ୍ଷକ ଓ ପରିଚାଳନା କମିଟିର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ସଚିବ ନିକୁଞ୍ଜ ବିହାରୀ ଜ୍ୟୋତିଷ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟକ୍ଷା ନମିତା ନାଥ ପରିଚାଳନା କରିଥିଲାବେଳେ କମିଟି ସଭ୍ୟ ଗୁଣନିଧି ଭଇସା ଧନ୍ୟବାଦ ଦେଇଥିଲେ।

ଭକ୍ତ ଦାସ ସାଂସଦ ପ୍ରାର୍ଥୀରୁ ଫେରାଇଲେ ମୁହଁ

# ହ୍ୟାଟ୍ରିକ୍ ପରାଜୟ ଭୟ ନା ନର୍ଲା ପ୍ରତି ଦୁର୍ବଳତା

**ଭବାନୀପାଟଣା, ୩।୪(ସମିସ)**

ଆସନ୍ତା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଘୋଷଣା ପରେ ପରେ ରାଜନୈତିକ ବାତାବରଣ ଧିରେ ଧିରେ ସରଗରମ ହେବାକୁ ଯାଉଛି। ଜିଲ୍ଲାରେ ଏବେ ଶାସକ ଦଳ ବିରୋଧରେ ମୁକାବିଲା ପାଇଁ ବିଜେପି ଅପେକ୍ଷା କଂଗ୍ରେସ ଅଧିକ ଚର୍ଚ୍ଚାରେ ରହିଛି। କାରଣ ଏଥର ଜିଲ୍ଲାର ଟାଣୁଆ ନେତା ତଥା

## ବିଧାୟକ ପ୍ରାର୍ଥୀ ଭାବେ କରିବେ ଭାଗ୍ୟ ପରୀକ୍ଷା

ଅଖିଳ ଭାରତୀୟ ଜାତୀୟ କଂଗ୍ରେସ ସ୍ଥାୟୀ କମିଟି ସଦସ୍ୟ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ, ୮ଟି ରାଜ୍ୟର ସ୍କ୍ରିନିଂ କମିଟି ଚେୟାରମ୍ୟାନ ଏବଂ ରାଜ୍ୟ କଂଗ୍ରେସ ପ୍ରଚାର କମିଟି ଅଧକ୍ଷ ଭକ୍ତ ଚରଣ ଦାସ କଳାହାଣ୍ଡି ଲୋକସଭା ଆସନରୁ ପ୍ରାର୍ଥୀ ନ ହୋଇ ବିଧାୟକ ପ୍ରାର୍ଥୀ ହୋଇଛନ୍ତି। ସମଗ୍ର ସଂସଦୀୟ କ୍ଷେତ୍ରରେ ଦବଦବା ଥିବା ଜଣେ ପ୍ରଭାବଶାଳୀ ନେତା ଓ ପ୍ରଚଣ୍ଡ ସାଙ୍ଗଠନିକ ଦକ୍ଷତାର ଅଧିକାରୀ ଓ ବଳିଷ୍ଠ ନେତୃତ୍ୱର ନାୟକ କୁହାଯାଉଥିବା ଭକ୍ତ ଦାସ ଏଭଳି ନିଷ୍ପତ୍ତି କାହିଁକି ନେଇଛନ୍ତି ତାହାକୁ ନେଇ ଏବେ ଚର୍ଚ୍ଚା ଚାଲିଛି। ଗତ ଦୁଇଟି ନିର୍ବାଚନରେ ପରାଜୟକୁ ସାମ୍ନା କରି ତୃତୀୟ ସ୍ଥାନରେ ରହିବା



ପରେ ବୋଧେ ସେ ଆଉ ଚାହିଁଲେ ନାହିଁ ହ୍ୟାଟ୍ରିକ ପରାଜୟକୁ ଜାଣିଶୁଣି ସ୍ୱାଗତ କରିବେ। କାରଣ ସାଂସଦ ପ୍ରାର୍ଥୀ ହୋଇ ହାରଜିତର ଖେଳରେ ନିଜ ରାଜନୈତିକ ଭବିଷ୍ୟତକୁ ବାଜି ଲଗେଇବା ଉଚିତ ମଣି ନାହାନ୍ତି କି ବୋଲି ପ୍ରଶ୍ନ ଉଠୁଛି। ୨୦୧୪ କଳାହାଣ୍ଡି ସଂସଦୀୟ କ୍ଷେତ୍ର ନିର୍ବାଚନରେ ବିଜେଡି ପ୍ରାର୍ଥୀ ଅର୍କକେଶରୀ ଦେଓ ୩, ୭୦, ୮୭୧ ଭୋଟ ପାଇଥିଲେ। ବିଜେପି ପ୍ରାର୍ଥୀ ପ୍ରଦୀପ୍ତ ନାଏକ ପାଇଥିଲେ ୩, ୧୪, ୫୨୪ ଓ ତୃତୀୟ ସ୍ଥାନରେ ରହି କଂଗ୍ରେସର ଭକ୍ତ ଦାସ ୩, ୦୭, ୯୬୭ ଭୋଟ ହାତେଇଥିଲେ। ୨୦୧୯ ନିର୍ବାଚନକୁ ଅବଲୋକନ କଲେ ନୂଆ ମୁହଁ ଭାବେ ବିଜେପି ପ୍ରାର୍ଥୀ ବସନ୍ତ ପଣ୍ଡା ଆବିର୍ଭାବ ହୋଇ ନିର୍ବାଚନ ଲଢ଼ି ଭକ୍ତ ଦାସଙ୍କୁ ତୃତୀୟ ସ୍ଥାନକୁ ଠେଲି ଦେଇଥିଲେ। ବସନ୍ତ ୪୩୩୦୭୪ ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରାର୍ଥୀ ତଥା ବିଜେଡିର ପୁଷ୍ପେନ୍ଦ୍ର ସିଂଦେଓ ୪୦୬୨୬୦ଟି ଭୋଟ ପାଇ ଦ୍ୱିତୀୟ ସ୍ଥାନରେ କିନ୍ତୁ ଭକ୍ତ ଦାସଙ୍କୁ ମାତ୍ର ୩୧୯୨୦୨ ଭୋଟ ମିଳିଥିଲା। କଂଗ୍ରେସର ଜାତୀୟ ସ୍ତର ନେତା ରୂପେ ଭକ୍ତ ନିଜକୁ ସୁନ୍ଦର ଭାବେ ନିର୍ମାଣ କରିପାରିଛନ୍ତି। ତେବେ ନିଜ ରାଜନୈତିକ କ୍ଷେତ୍ର କଳାହାଣ୍ଡିର ଭୋଟରମାନେ କେଉଁ ମାନସିକତାରୁ ଭକ୍ତଙ୍କ ନିକଟରୁ ମୁହଁ ଫେରାଇ ଆଣୁଛନ୍ତି ତାହ ସବୁଠୁ ବଡ଼ ପ୍ରଶ୍ନବାଚୀ। ଲଗାତାର ଦୁଇ ଦୁଇଟି ନିର୍ବାଚନରେ ସ୍ଥିତି ସାଂଘାତିକ ପରିସ୍ଥିତି ସୃଷ୍ଟି କରିଥିଲା। ତେଣୁ ଆସନ୍ତା ନିର୍ବାଚନ ପାଇଁ ମନରେ ଗାଣିତିକ ଦୃଷ୍ଟିରୁ ଭୟ ରହିବା ସ୍ୱାଭାବିକ। ଏତେବଡ଼ ପ୍ରଭାବୀ ନେତା ଜୁନାଗଡ଼ କି ଧର୍ମଗଡ଼ ବିଧାନସଭା ଆସନକୁ ବାଦ ଦେଇ ନର୍ଲା ଆସନରୁ ସେ କାହିଁକି ନିର୍ବାଚନ ଲଢ଼ିବାକୁ ମନସ୍ଥିର କରିଛନ୍ତି ତାହାବି ଅନେକଙ୍କୁ ନାନା ପ୍ରଶ୍ନରେ ଛନ୍ଦି ଦେଇଛି। ଅତୀତରେ ସେ ଦୁର୍ନୀତି ଅନୀତି, ବ୍ୟଭିଚାର ଓ ଭ୍ରଷ୍ଟାଚାର ବିରୋଧରେ ରଣହୁଙ୍କାର ଦେଉଥିଲେ। ଏବେ ସେ ସବୁକୁ ଭୁଲି ନର୍ଲା ଆସନ ଉପରେ ଦୃଷ୍ଟି ନିକ୍ଷେପ କରିଛନ୍ତି କେମିତି ବୋଲି ଅନେକ ପଚାରିଛନ୍ତି। ୪୦ ବର୍ଷ ପରେ ଭକ୍ତ ରାଜ୍ୟ ରାଜନୀତିକୁ ଫେରିଛନ୍ତି। ଜେନେରେସନ ଗ୍ୟାପ ଭିତରେ ଅନେକ ପରିବର୍ତ୍ତନ ଘଟିଛି। ଭକ୍ତଙ୍କ ଠାରୁ ଏକାଧିକ ପୂର୍ବତନ ବିଧାୟକ ଦୂରେଇଯାଇ ସେମାନେ ବିଜେଡି ଓ ବିଜେପି ଦଳରେ ନିଜ ସ୍ଥିତି ସୁଦୃଢ କରିଛନ୍ତି। କେବଳ ପୂର୍ବତନ ବିଧାୟକ ନୁହଁନ୍ତି, ବହୁ ଆଗଧାଡ଼ିର ଦକ୍ଷ ସଚ୍ଚା କର୍ମୀ ଭକ୍ତଙ୍କୁ ବହୁଆଗରୁ ଛାଡ଼ିଦେଇଛନ୍ତି। ଯଦିଓ ସେ ସମୟ ଭିନ୍ନ ଥିଲା। ନୂଆ ଭୋଟରମାନେ ନିଜ ଭବିଷ୍ୟତ ଗଠନରେ ଯେଉଁ ଦଳ ସାହାଯ୍ୟ ଓ ସହଯୋଗ ଦେଇ ଆସୁଛି ସେ ଦଳପ୍ରତି ଦୁର୍ବଳତା ରହିବା ନିଶ୍ଚିତ। ଏଠାରେ ଅନୁମାନ କରାଯାଉଛି ଯେ ୪୦ ବର୍ଷ ବୟସର ଭୋଟରମାନେ ବିକାଶକୁ ପ୍ରାଥମିକତା ଦେଇ ପ୍ରକୃତ ପ୍ରାର୍ଥୀଙ୍କୁ ଚୟନ କରିବେ ଏଥିରେ ସନ୍ଦେହ ନାହିଁ। ତେଣୁ ନର୍ଲାର ବର୍ତ୍ତମାନ ଚିତ୍ର ବଦଳିଥିଲେ ମଧ୍ୟ ନର୍ଲା ବିଧାନସଭା ଆସନରେ ଭକ୍ତ ଦାସଙ୍କ ଭଳି ଜଣେ କ୍ରାନ୍ତିକାରୀ ବିପ୍ଳବୀ ନେତା ନିର୍ବାଚନରେ କି ପ୍ରକାର ଗୋଟି ଚାଳନା କରିବେ ଏବଂ ଭୋଟର ଭକ୍ତ ଦାସଙ୍କୁ କି ପ୍ରକାର ମାପକାଠିରେ ଆକଳନ କରୁଛନ୍ତି ତାହା ନିର୍ବାଚନ ଫଳାଫଳ କହିବ।

■ ବିଜେଡି ଘୋଷଣା କଲା ପ୍ରାର୍ଥୀ

# ଲୋକସଭା ଆସନ ପାଇଁ ସ୍ପଷ୍ଟ ହେଲା ତିନି ଦଳର ପ୍ରାର୍ଥୀ ତାଲିକା

**ବଲାଙ୍ଗିର, ୪।୩(ସମିସ):** ଲୋକସଭା ନିର୍ବାଚନ ବଲାଙ୍ଗିର ଆସନରେ ହେବ ବିଗ ଫାଇଟ୍। ବିଜେଡି ଲୋକସଭା ପ୍ରାର୍ଥୀ ଘୋଷଣା କରିବା ପରେ ତିନି ପ୍ରମୁଖ ଦଳର ପ୍ରାର୍ଥୀ ତାଲିକା ସ୍ପଷ୍ଟ ହୋଇଛି। ବୁଧବାର ବିଜେଡି ବଲାଙ୍ଗିର ଲୋକସଭା ଆସନ ପାଇଁ ବରିଷ୍ଠ ନେତା ସୁରେନ୍ଦ୍ର ସିଂ ଭୋଇଙ୍କୁ ପ୍ରାର୍ଥୀ କରିଛି। ଏହା ପୂର୍ବରୁ ବିଜେପି ଓ କଂଗ୍ରେସ







ପ୍ରାର୍ଥୀ ଘୋଷଣା କରିଥିଲା। ତେବେ ତିନି ଦଳର ପ୍ରାର୍ଥୀ ଉପରେ ନଜର ପକାଇଲେ ଦୁଇ ଭେଟରାନ ନେତାଙ୍କ ବିପକ୍ଷରେ ନବାଗତ ପ୍ରାର୍ଥୀ ନିର୍ବାଚନ ଲଢ଼ିବେ। ବୁଧବାର ବଲାଙ୍ଗିର ଲୋକସଭା ଆସନ ପାଇଁ ବିଜେଡି ସୁରେନ୍ଦ୍ର ସିଂ ଭୋଇ ଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରିଛି। ସୁରେନ୍ଦ୍ର ସିଂ ଭୋଇ କିଛି ଦିନ ତଳେ କଂଗ୍ରେସ ଛାଡ଼ି ବିଜେଡି ଦଳରେ ମିଶିଥିଲେ। ଶ୍ରୀ ଭୋଇ ଏକାଧିକ ଥର ଟିଟିଲାଗଡ଼ ବିଧାନସଭା ରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ ପୂର୍ବରୁ ମନ୍ତ୍ରୀ ମଧ୍ୟ ଥିଲେ। ତେବେ ଶ୍ରୀ ଭୋଇ ବିଜେଡିରେ ଯୋଗ ଦେବା ପରେ ଟିଟିଲାଗଡ଼ ବିଧାନସଭା ନିର୍ବାନମଣ୍ଡଳୀ ସହ ଜିଲ୍ଲାରେ ବିଜେଡି ସଂଗଠନ ଆହୁରି ମଜଭୁତ୍ ହୋଇଛି। ତେବେ ଦଳ ତାଙ୍କୁ ଲୋକସଭା ଆସନରେ ପ୍ରାର୍ଥୀ କରିବା ପରେ ବଲାଙ୍ଗିର ରାଜନୀତି ଆହୁରି ସରଗରମ ହୋଇଛି। ଏହା ପୂର୍ବରୁ ବିଜେପି ପୁ ଣି ଥ ରେ ସଙ୍ଗୀତା ସିଂ ଦେଓଙ୍କୁ ପ୍ରାର୍ଥୀ କରିଛି। କଂଗ୍ରେସ ଅ ଭି ନେ ତ ା ମନୋଜ ମିଶ୍ରଙ୍କୁ ପ୍ରାର୍ଥୀ କରିଛି। ତାଙ୍କ ଘର ସମ୍ବଲପୁର ହୋଇଥିବା ବେଳେ ସେ ବଲାଙ୍ଗିରରୁ ପ୍ରାର୍ଥୀ ହେବାପରେ କଂଗ୍ରେସରେ ଗୋଷ୍ଠୀ କନ୍ଦଳ ଆରମ୍ଭ ହୋଇଛି। ଆଗକୁ ଏହି ଆସନରେ ଦୁଇ ଭେଟରାନ୍ ସୁରେନ୍ଦ୍ର ସିଂ ଭୋଇ, ସଙ୍ଗୀତା କୁମାରୀ ସିଂଦେଓ ଙ୍କ ସହ ନବାଗତ ମନୋଜ ମିଶ୍ରଙ୍କ ଲଢେଇ ସ୍ପଷ୍ଟ ହୋଇଛି। ଟିକେଟ ଘୋଷଣା ପରେ ବିଜେଡିରେ ଉତ୍ସାହ ଦେଖିବାକୁ ମିଳିଥିବା ବେଳେ ଦଳର ଏହି ନିଷ୍ପତ୍ତିକୁ ଶ୍ରୀ ଭୋଇ ସ୍ୱାଗତ କରିଛନ୍ତି।

# କଣ୍ଟେନରରୁ ସାଢେ ୭ କ୍ୱିଣ୍ଟାଲ ଗଞ୍ଜେଇ ଜବତ







୨ ଗିରଫ

**ସୋନପୁର, ୩।୪ (ସମିସ):** ସୋନପୁର ପୁଲିସ ଏକ କଣ୍ଟେନରରୁ ସାଢେ ୭ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଛି। ଗାଡି ଡ୍ରାଇଭର ରାୟପୁର ଟାଟିବନ୍ଧର ଶୈଳେଶ କୁମାର ମିଶ୍ର (୪୦) ଏବଂ ହେଲ୍ପର ଉତ୍ତର ପ୍ରଦେଶ ହାଣ୍ଡିଆର ଉମାଶଙ୍କର ପାଣ୍ଡେ(୫୪)କୁ ପୁଲିସ୍ ଗିରଫ କରିଛି। ବୁଧବାର ବିଶ୍ୱସ୍ତ ସୂତ୍ରରୁ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ସୋନପୁର ଥାନାଧିକାରୀ ଲୋକନାଥ ସାହୁଙ୍କ ନେତୃତ୍ୱରେ ପୁଲିସ ଚଢଉ କରିଥିଲା। ଅର୍ଜୁନପୁର-ବୁର୍ଡା ରାସ୍ତା ମଲ୍ଲିକମୁଣ୍ଡା ଛକ ନିକଟରେ ପୁଲିସ ଗାଡି ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ପରେ ଗାଡ଼ି (ସିଜି ୦୪ ଜେସି ୯୦୮୫)ରୁ ଗଞ୍ଜେଇ ବାହାରି ଥିଲା। ବୌଦ୍ଧ ଜିଲ୍ଲା କନ୍ଧମାଳ ଅଞ୍ଚଳରୁ ବରଗଡ଼ ଦେଇ ଉତ୍ତରପ୍ରଦେଶ ଚାଲାଣ ଲାଗି ଏମାନେ ଯୋଜନା କରିଥିଲେ। ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଯଶପ୍ରତାପ ଶ୍ରୀମାଲ ଏହି ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ପ୍ରତାପ ତ୍ରିପାଠୀ, ସୋନପୁର ଥାନା ଆଇଆଇସି ଲୋକନାଥ ସାହୁ ଉପସ୍ଥିତ ଥିଲେ।

# ୱାର୍ଡ ନଂ ୮ ଓ ୯ରେ ଶଙ୍ଖ ଜନସମ୍ପର୍କ ଯାତ୍ରା

**କଣ୍ଟାବାଞ୍ଜି, ୩।୪(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ପୌରପରିଷଦର ୱାର୍ଡ ନଂ ୮ ଓ ୯ ରେ ବଲାଙ୍ଗିର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷା ନିରୁପମା ମାଝୀଙ୍କ ନେତୃତ୍ୱରେ ବୁଧବାର ବିଜୁ ଜନତା ଦଳ ପକ୍ଷରୁ ଶଙ୍ଖ ଜନ ସମ୍ପର୍କ ଯାତ୍ର ଅନୁଷ୍ଠିତ ହୋଇଯାଅଛି। ଗିରିରାଜ ସିଂହ ମାଝୀ, ନଗର ସଭାପତି ଦେବାର ବାରିକ, ତୁରେକେଲା ବ୍ଲକ ବିଜେଡି ସଭାପତି ଆଶାଦୁଲ ଖାଁ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସଦସ୍ୟ ହଂସରାଜ ଜୈନ, ବରିଷ୍ଠ ବିଜେଡି ନେତା ଓମପ୍ରକାଶ ଅଗ୍ରୱାଲ, ଅରୁଣ ସିଂ ଦେଓ, କାର୍ତ୍ତିକ ପ୍ରଧାନ, ବଲାଙ୍ଗିର



ଏହି ଯାତ୍ରାକୁ ପ୍ରତୋକ ପଡ଼ାରେ ସ୍ୱାଗତ କରାଯାଇଛି। ସ୍ଥାନୀୟ ଅଶୋକନଗର ଠାରେ ଏକ ସାଧାରଣ ସଭା କରି ନବୀନ ସରକାରଙ୍କ ଜନ୍ମରୁ ମୃତ୍ୟୁ ଯାଏ ଜନ କଲ୍ୟାଣ ଯୋଜନା ଉପରେ ଉପସ୍ଥିତ ଜନ ସାଧାରଣଙ୍କୁ ସଚେତନ କରିବା ସହ ଆଗାମୀ ନିର୍ବାଚନରେ ବିଜୁ ଜନତା ଦଳର ବିଧାସଭା ପ୍ରାର୍ଥୀ ଓ ଲୋକସଭା ପ୍ରାର୍ଥୀଙ୍କୁ ଜୟଯୁକ୍ତ କରାଇବାକୁ ଉପାଧକ୍ଷା ନିରୁପମା ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ବିଜେଡି ନେତା ଜିଲ୍ଲା ଉପସଭାପତି ଉମାକାନ୍ତ ସାହୁ, ଜିଲ୍ଲା ସାଧାରଣ ସମ୍ପାଦିକା ପିଙ୍କି ଖର୍ସେଲ, ବରିଷ୍ଠ ବିଜେଡି ନେତ୍ରୀ ଲିନା ବାରିକ, ବରିଷ୍ଠ ବିଜେଡି ନେତା ଶ୍ରୀଧର ମାଝୀ, ଦୈତାରୀ ଭୋଇ, ଯୁବନେତା ଲମ୍ବୋଦର ମାହାନନ୍ଦ, ବିଟୁ ଶାଘା, ବିଷ୍ଣୁ ଯୁଏଡ, ବିଶ୍ୱନାଥ ସାହୁ, ରାମଚନ୍ଦ୍ର ରାଏ, ପିଣ୍ଟୁ ଦୀପ, କାଶ୍ୟପ ସରାଫ, ତପନ ଦୀପ, ବରୁଣ ଲୁହା, ଜିତେନ୍ ମୁଦଲିଙ୍କ ସହ ଶହଶହ ମହିଳା ଓ ବହୁ ବିଜେଡି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଦୁଇ ଭିନ୍ନକ୍ଷମଙ୍କ ସାହାରା ଗୋଟିଏ ତିନିଚକିଆ ସାଇକଲ

**ନୂଆପଡ଼ା, ୩।୪(ସମିସ):** ସରକାର ଭିନ୍ନକ୍ଷମଙ୍କ ସକାଶେ କୋଟି କୋଟି ଟଙ୍କାର ଯୋଜନା ସବୁ କାର୍ଯ୍ୟକାରୀ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀମାନଙ୍କ ଉଦାସୀନତା ଯୋଗୁଁ ଲୋକେ ଯୋଜନାର ସଫଳ ପାଇପାରୁନାହାଁନ୍ତି। ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି କୋମନା ବ୍ଲକ ଘୋଟସର ଗାଁରେ।



ସମସ୍ତ ଭିନ୍ନକ୍ଷମଙ୍କୁ ତିନିଚକିଆ ସାଇକଲ ସହ ସ୍କୁଟି ଦିଆଯିବାର ଯୋଜନାରେ ରହିଛି। ଏମାନଙ୍କୁ ରୋଜଗାରକ୍ଷମ କରାଇ ପାଇଁ ମଧ୍ୟ ପାଣ୍ଠି ବ୍ୟବସ୍ଥା ରହିଛି; ହେଲେ ଏହି ଗାଁର ୨ ଜଣ ଭିନ୍ନକ୍ଷମ ଦୟନୀୟ ଭାବେ କାଳାତିପାତ କରୁଛନ୍ତି। ଦୁଇଜଣ ଗୋଟିଏ ଭଙ୍ଗା ତିନିଚକିଆ ସାଇକଲରେ ଜାତୀୟ ରାଜପଥରେ ରୋଜଗାର ଲାଗି ଘୁରି ବୁଲୁଛନ୍ତି।

ଏମାନଙ୍କ ମଧ୍ୟରୁ ଜଣେ ହେଲେ ଦିନେଶ ନିଆଲ(୩୦)। ସେ ଅନ୍ତରାମ ନିଆଲଙ୍କ ବଡ ପୁଅ। ଛୋଟବେଳୁ ଏକ ଦୁର୍ଘଟଣାରେ ତାଙ୍କର ଗୋଟିଏ ଗୋଡ ଅଚଳ ହୋଇପଡ଼ିଛି। ସେହି ଦିନଠାରୁ ଚଳାବୁଲା କରିବା କଷ୍ଟକର ହୋଇପଡୁଛି। ସରକାରୀ ଭତ୍ତା ଟିକକ ଯାହା ଭରସା। ତାଙ୍କ ପରିବାର ଲୋକଙ୍କୁ ମୁଣ୍ଡ ଗୁଞ୍ଜିବାକୁ ଘର ବି ନାହିଁ। ପ୍ରଧାନମନ୍ତ୍ରୀ ଆବାସ ପାଇଁ ବାରମ୍ବାର ଦୌଡୁଥିଲେ ମଧ୍ୟ ମିଳିପାରୁନାହିଁ। ପ୍ରଶାସନ ନିକଟରେ ଏକ ସ୍କୁଟି ପାଇଁ ଗୁହାରି କରିଛନ୍ତି; ହେଲେ ମିଳୁନାହିଁ। ସାଇକଲ ଚଳାଇବାକୁ ତାଙ୍କ ପକ୍ଷେ ସମ୍ଭବ ହେଉ ନ ଥିବାରୁ ତାଙ୍କର ଜଣେ ସାଙ୍ଗ କୁମୁଦ ବଛା ସାହାଯ୍ୟ କରନ୍ତି। କୁମୁଦ ମଧ୍ୟ ଜଣେ ଭିନ୍ନକ୍ଷମ।

# ଫୁଟବଲ୍ ଟୁର୍ଣ୍ଣାମେଣ୍ଟ; ଜରାସିଙ୍ଗା ବିଜୟୀ

**ମୁରିବାହାଲ, ୩।୪(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ଖେଳପଡ଼ିଆ ଠାରେ ଆଦିବାସୀ ଯୁବକ ସଙ୍ଘ ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ମା ବସ୍ତେନ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚତୁର୍ଥ ଦିବସରେ ଖଲିଆଖମାରକୁ ହରାଇ ଜରାସିଙ୍ଗା ବିଜୟୀ ହୋଇ ସେମିଫାଇନାଲ ପ୍ରବେଶ କରିଛି। ଚତୁର୍ଥ ଦିବସରେ ଖଲିଆଖମାର ଓ ଜରାଶିଙ୍ଗା ମଧ୍ୟରେ ଖେଳ ହୋଇଥିଲା। ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ୍ ଦେଇ ନ ପାରିବାରୁ ଟ୍ରାଇବେକ୍ ମଧ୍ୟମରେ ୫/୩ ଗୋଲ ରେ ଜରାଶିଙ୍ଗା ଦଳ ବିଜୟୀ ହୋଇ ସେମି ଫନାଲରେ ପ୍ରବେଶ କରିଛି। ଚତୁର୍ଥ ଦିବରେ ବିଶିଷ୍ଟ ଶିକ୍ଷାବିତ୍ ଭଗତ ନାଗ, ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି



ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନୀତ ଅତିଥି ସୁରେଶ କୁମାର ଭୋଇ, କେଦାର ବଡ଼ଜେନା, ଦାନର୍ଦ୍ଧନ ବଗର୍ତ୍ତ, ସୁଧମ ଚରଣ ବଘାର ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀବତ୍ସ ବେହେରା, ଗଣେଶ ଭୋଇ, ଯୁବରାଜ ଭୋଇ ଓ ସାନ ଭୋଇ ପ୍ରମୁଖ ପରିଚାଳନା କରିଥିଲେ। କମିଟି ସଭାପତି ଅଭିଳାଷ ବଘାର, ଉପସଭାପତି ଯୁବରାଜ ଭୋଇ, ସମ୍ପାଦକ ମନୋଜ ଭୋଇ, ସହ ସମ୍ପାଦକ ଦୁର୍ବାଦଳ ଭୋଇ, କୋଷାଧକ୍ଷ ଖଗେଶ୍ୱର ଭୋଇ, , ଶମ୍ଭୁ ପ୍ରସାଦ ଭୋଇ, ସୁଦାମ ବଘାର, ପିଙ୍କୁ ଭୋଇ ନେତୃତ୍ୱରେ ଆଦିବାସୀ ଯୁବକ ସଂଘର ସଦସ୍ୟ ଅନୀଲ ଭୋଇ, ଓଁକାର ଭୋଇ, ଚୂଡ଼ାମଣି ଭୋଇ, ଚତୁର ମାଝୀ, ଗୋବିନ୍ଦ ଭୋଇ, ରିଙ୍କୁ ଭୋଇ, କ୍ରିଷ୍ଟାଭୋଇ, ସୁଧାଂଶୁ ଭୋଇ, ପ୍ରବୀଣ ଭୋଇ ଉପସ୍ଥିତ ଥିଲେ। ଧାରାବିବରଣୀ ସୁଦାମ ଚରଣ ବଘାର କରିଥିଲେ।

# ରାମଲୀଳା ନାଟ୍ୟ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ଜହ୍ନାପଙ୍କ, ୩।୪(ସମିସ):** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣ ନଗର ଜଗନ୍ନାଥ ମଣ୍ଡପରେ ରାମଲୀଳା ନାଟ୍ୟ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାମଲୀଳା ସାଂସ୍କୃତିକ ପରିଷଦର ସଭାପତି କିଶୋର ଚନ୍ଦ୍ର ମେହେର ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ଭବାନୀ କର୍ଣ୍ଣ, ହାଡୁ ମେହେର, ଦୁର୍ଯ୍ୟୋଧନ ମେହେର, ଚନ୍ଦ୍ର ଶେଖର ମେହେର, ସୁରୁବାବୁ ମେହେର, ଶ୍ରଦ୍ଧାକର ମେହେର, ଶୀଧେଶ୍ୱର ମେହେର, ଛବିଳ ମେହେର, ଟଙ୍କ ମେହେର, ଶଶୀ ଭୂଷଣ ମେହେର, ଘନଶ୍ୟାମ ମେହେର, ରାଜକିଶୋର ମେହେର, ଚକ୍ର ମେହେର ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ସମ୍ପାଦକ ଗୋପାଳ ଚନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଅପରାଧିକ ଆଇନଗତ ପଦକ୍ଷେପ ସମୀକ୍ଷା



**ମନମୁଣ୍ଡା, ୩।୪(ସମିସ):** ବୌଦ୍ଧ ସଦ୍‌ଭାବନା ଗୃହରେ ବୁଦବାର ଅପରାହ୍ନରେ ଅପରାଧିକ ଆଇନଗତ ପଦକ୍ଷେପ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କାହିଁକି କମ୍ ପରିମାଣ ସଜା ହେଉଛି, ଏସସି/ଏସଟି ମାମଲାଗୁଡ଼ିକ କାହିଁକି ତୁରନ୍ତ ସମାଧାନ ହୋଇପାରୁନାହିଁ, ଅପରାଧିକ ମାମଲା ପରିଚାଳନା କ୍ଷେତ୍ରରେ କ'ଣ ସବୁ ଅସୁବିଧା ରହିଛି, ୮ ବର୍ଷରୁ ଅଧିକ ବିଚାରଧୀନ ମାମଲାର ସମାଧାନ ଇତ୍ୟାଦି ଅନେକ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା, ପର୍ଯ୍ୟାଲୋଚନା ହୋଇଥିଲା। ଏହାର ସମାଧାନର ସୂତ୍ର, ପିପି, ଏପିପି, ପୁଲିସର କର୍ତ୍ତବ୍ୟ ଇତ୍ୟାଦି ନେଇ ଆଲୋଚନା ହୋଇଥିଲା। ଏଥିରେ ଜିଲ୍ଲାପାଳ ଜେ ସୋନାଲ ଅଧକ୍ଷତା କରିଥିଲେ। ଗୃହ ବିଭାଗ ପବ୍ଲିକ ପ୍ରସିକ୍ୟୁସନ ନିର୍ଦ୍ଦେଶକ (ଭୁବନେଶ୍ୱର) ଶ୍ୟାମସୁନ୍ଦର ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବୌଦ୍ଧ ଏସ୍‌ପି ରାଜ ପ୍ରାସାଦ, ଏସଡ଼ିପିଓ କୁଲଦୀପ ମୀନା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ବୈଠକରେ ବୌଦ୍ଧ କୋର୍ଟର ପିପି ସବିତା ପଣ୍ଡା, ସ୍ୱତନ୍ତ୍ର ପିପି ଧିରେନ ଦେହୁରୀ, ଅତିରିକ୍ତ ପି ପି ଯୋଗେଶ ପ୍ରସାଦ ନାୟକ, ଜ୍ଞାନରଞ୍ଜନ ପଟ୍ଟନାଏକ, କ୍ୟାଡର ଏପିପି ସୁଚରିତା ମଲ୍ଲିକ, ନିକୁଞ୍ଜ ବେହେରା, ଜୁଲି ଦାସ, କନ୍ଧମାଳ ଜେଏମ୍‌ଏଫ୍‌ସି କୋର୍ଟର କ୍ୟାଡର ଏପିପି ସାଇ ରଞ୍ଜନ ମହାନନ୍ଦିଆ, ସୁରେଶଚନ୍ଦ୍ର ରଣା, ହରଭଙ୍ଗା କୋର୍ଟର ଏପିପି ଅଜିତ ପରିଡ଼ା, ଜିଲ୍ଲାର ସମସ୍ତ ଥାନା ଭାରପ୍ରାପ୍ତ ଅଧିକାରୀ ଓ ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

ତମିଆଁ ସରପଞ୍ଚଙ୍କୁ ବହିଷ୍କାର ଦାବିରେ ଆଦିବାସୀ ସଂଘର ଧାରଣା

# ହାଇକୋର୍ଟଙ୍କ ରହିତାଦେଶ ଆଦେଶ ପରେ ପ୍ରତ୍ୟାହୃତ

**ପାଟଣାଗଡ଼, ୩।୪(ସମିସ)**

ପାଟଣାଗଡ଼ ବ୍ଲକ ତମିଆଁ ସରପଞ୍ଚ ତାହିରା ବିବିଙ୍କ ତିନି ସନ୍ତାନ ଥିବାରୁ ପାଟଣାଗଡ଼ ସିଭିଲ ଜଜ୍ ଗତ ନଭେମ୍ବର ୩୦ରେ ତାଙ୍କୁ ଅସିଦ୍ଧ ଘୋଷଣା କରିଥିଲେ। ଆଇନ ଅନୁସାରେ ପଞ୍ଚାୟତ ଦାୟିତ୍ୱ ହସ୍ତାନ୍ତର ପାଇଁ ବଲାଙ୍ଗିର ଜିଲ୍ଲାପାଳ ଗତ ଡିସେମ୍ବର ୧୧ରେ ପାଟଣାଗଡ଼ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିଭିଲ ଜଜ୍‌ଙ୍କ ରାୟ ବିରୋଧରେ ସରପଞ୍ଚ ତାହିରା ବିବି ଏଡିଜେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏଡିଜେ କୋର୍ଟ ମଧ୍ୟ ସିଭିଲ ଜଜ୍‌ଙ୍କ ରାୟକୁ ସଂରକ୍ଷିତ ରଖିଥିଲେ। ବିଡିଓ ତଥାପି ମଧ୍ୟ ନାଏବ ସରପଞ୍ଚଙ୍କୁ ଦାୟିତ୍ୱ ହସ୍ତାନ୍ତର ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରି ନ ଥିବା ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଅଭିଯୋଗ କରିଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ




ମାନିନଥିବାରୁ ଆଗାମୀ ଦିନରେ ଆଦିବାସୀ ସଂଘ ସହ ତମିଆଁ ପଞ୍ଚାୟତବାସୀ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ଦେଇ ଆନ୍ଦୋଳନ କରିବାକୁ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଏସ୍‌ପିଙ୍କୁ ଲିଖିତ ଦେଇଥିଲେ। ବୁଧବାର ପୂର୍ବାହ୍ନରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଙ୍ଘ ନେତୃତ୍ୱରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଘଟଣାସ୍ଥଳକୁ ବ୍ଲକ ସମ୍ପ୍ରସାରଣ ଅଧିକାରୀ ନୀଳକଣ୍ଠ କଲାସାଏ ଓ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନିତା ମେହେର ପହଞ୍ଚି ଆନ୍ଦୋଳନକାରୀଙ୍କୁ ତାହିରା ବିବି ହାଇକୋର୍ଟରେ କରିଥିବା ରହିତାଦେଶ ଅଗଷ୍ଟ ୬ ତାରିଖ ପର୍ଯ୍ୟନ୍ତ ବଳବତ୍ତର ଥିବା ଚିଠି ଦେଖାଇଥିଲେ ଓ ଆନ୍ଦୋଳନ ସ୍ଥଗିତ ରଖିବାକୁ କହିଥିଲେ। ଏହାପରେ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକୁ ମାନି ଅପରାହ୍ନ ୩ ଟାରେ ଆନ୍ଦୋଳନ ସ୍ଥଗିତ ହୋଇଥଲା। ଆନ୍ଦୋଳନରେ ସଂଘର ଉପଦେଷ୍ଟା ଧବଳେଶ୍ୱର ଭୋଇ, ଜଳ ଧରୁଆ, ସହଦେବ ଧରୁଆ, ଚୂଡ଼ାମଣି ଧରୁଆ, ସାନ ଭୁଏ, ରମେଶ କୁମୁରା, ଗୌରାଙ୍ଗ ବରିହା, ମଙ୍ଗଲୁ ବରିହା, ଶେଷଦେବ ଭୋଇ, ବିରଞ୍ଚି ବୁଡେକ, ମନୋଜ ସାହୁ, ଆନନ୍ଦ ଭୋଇ, କାଳିଆ ମେହେର, ପୂର୍ଣ୍ଣସାହୁ, ସୁନୀଲ ମିଶ୍ରଙ୍କ ସହ ଜନସାଧାରଣ ଉପସ୍ଥିତ ଥିଲେ।

